visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK — ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.93 Bhubaneswar Saturday, May 22, 2021 | ୨୪ତମ ବର୍ଷ ସଂଖ୍ୟା-୯୩ ଭୁବନେଶ୍ୱର, ଶନିବାର, ମଇ ୨୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଗୋଟିଏ ଦିନରେ ୧୨୫୨୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୨୫୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୬୮୪୨୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୫୬୫୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୯୪୩୮ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୫୨୩ ଜଣଙ୍କ ମଧ୍ୟରୁ ୭୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୫୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୮୪୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୧୦ ଜଣ, ବରଗଡ଼ରୁ ୩୧୫ ଜଣ, ଭଦ୍ରକରୁ ୧୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୬୫, କଟକରୁ ୧୦୮୪ ଜଣ, ଦେବଗଡ ଜିଲ୍ଲାରୁ ୧୦୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୩୨ ଜଣ, ଗଜପତି ଜିଲ୍ଲାରୁ ୫୩ , ଗଞ୍ଜାମରୁ ୩୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୨୫ ଜଣ, ଯାଜପୁରରୁ ୪୧୯ ଜଣ, ଝାରସୁଗୁଡ଼ାରୁ ୩୭୩ ଜଣ, କଳାହାଣ୍ଡିରୁ ୪୯୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୦ ଜଣ. କେନ୍ଦ୍ରାପଡ଼ାରୁ ୧୯୫ ଜଣ, କେନ୍ଦୁଝରରୁ ୨୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୮୪୨ ଜଣ, କୋରାପୁଟରୁ ୨୩୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୪୬ ଜଣ, ନବରଙ୍ଗପୁରରୁ ୩୮୩ ଜଣ, ନୟାଗଡ଼ରୁ ୩୧୫ ଜଣ, ନୂଆପଡ଼ାରୁ ୧୨୯ ଜଣ, ପୁରୀରୁ ୫୬୮ ଜଣ, ରାୟଗଡ଼ାରୁ ୩୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୦୦ ଜଣ, ସୋନପୁରରୁ ୨୦୨ ଜଣ, ସୁନ୍ଦରଗଡ଼ରୁ ୭୧୫ ଜଣ ଓ ଷ୍ଟେଟ୍ ପୁଲରୁ ୩୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୪୬୦୦ କେଜି ପୋଚ ଓ ୧୨୦ ଲିଟର ମଦ ଜବତ

ଗଞ୍ଜାମ, ୨୧।୫(ପି.ଏନ): ଲକ୍ ଡାଉନ୍ ସମୟରେ ବେଆଇନ ମଦ କାରବାର ଧରପଗଡ଼କୁ ଜୋରଦାର୍ କରାଯାଇଛି । ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାୟକଙ୍କ ତତ୍ୱାବଧାନରେ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରହିଛି । ଏହି ଟିମ୍ କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ନୂଆପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ବିପୁଳ ପରିମାଣର ପୋଚ ଓ ଦେଶୀ ରନ୍ଧା ମଦ ଜବତ କରି ନଷ୍ଟ କରିଛି । ଜଙ୍ଗଲ ଭିତରେ ଚୋରାରେ ମଦ ପ୍ରସ୍ତୁତି ଚାଲିଥିବା ନେଇ ସୂଚନା ମିଳିବା ପରେ ଏହି ଚଢ଼ଉ ଆରମ୍ଭ ହୋଇଥିଲା । ଚଢ଼ଉ ସମ୍ପର୍କରେ ଜାଣିପାରି ମଦ ମାଫିଆ ମାନେ ସେଠାରୁ ଚମ୍ପଟ୍ ମାରିଥିଲେ । ଘଟଣାସ୍ଥଳରୁ ଅବକାରୀ ବିଭାଗ ୪୬୦୦ କେଜି ଗୁଡ଼ ମିଶ୍ରିତ ପୋଚ ଓ ୧୨୦ ଲିଟର ରନ୍ଧାମଦ ଜବତ କରିଥିଲା । ସେହିପରି ମଦ ପ୍ରସ୍ତୁତି ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା । କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଙ୍ଘମିତ୍ରାଙ୍କ ଉପସ୍ଥିତିରେ ହୋଇଥିବା ଏହି ଚଢ଼ଉରେ ଅବକାରୀ ସଦର ଇନ୍ସପେକ୍ଟର ରୋଷନ ଇସୁ ହାଂସଦା, ଇନ୍ସପେକ୍ଟର ମିହିର ସେଠୀ, ଏସଆଇ ବାଳକ ବିଶି, ଏସଆଇ ଶ୍ରୀଧର ମହାନ୍ତି ପ୍ରମୁଖ ସାମିଲ୍ ଥିଲେ ।

## ଟେଷ୍ଟିଂ ବଢୁଥିବାରୁ ସଂକ୍ରମଣ ବଢୁଛି

ଭୁବନେଶ୍ୱର, ୨୧।୫(ପି.ଏନ): ରାଜ୍ୟରେ ଟେଷ୍ଟିଂ ବଢୁଥିବାରୁ ସଂକ୍ରମଣ ସଂଖ୍ୟା ବଢୁଛି। ନମୁନା ପରୀକ୍ଷା ଅନୁଯାୟୀ ସଂକ୍ରମିତଙ୍କ ସଂଖ୍ୟା ଅଧିକ ନାହିଁ। ୮୦ ପ୍ରତିଶତ ଆଇସିୟୁ ଓ ୫୦ ପ୍ରତିଶତ ଭେଂଟିଲେଟରରେ ଗୁରୁତର ରୋଗୀ ଅଛନ୍ତି। ତେଣୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ଏବେ ବଢ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପ୍ରକାଶ କରିଛନ୍ତି ।ଏହା ସହ ସେ କହିଛନ୍ତି, ମେ’ ମାସ ଶେଷ ବେଳକୁ ରାଜ୍ୟରେ ସଂକ୍ରମଣ କମିପାରେ। ପ୍ରଥମ ଲହରରେ ୧୮ବର୍ଷ ତଳକୁ ୧୦ ପ୍ରତିଶତ ମୃତ୍ୟୁ ରହିଥିଲା। ବର୍ତ୍ତମାନ ବି ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି। ଯେହେତୁ ଭ୍ୟାକ୍ସିନ ନ ଥିଲା ତେଣୁ ବର୍ତ୍ତମାନ ମୃତ୍ୟୁ ସଂଖ୍ୟା ବଢୁଛି। ଯେତେ ଶୀଘ୍ର ଭ୍ୟାକ୍ସିନେସନ ସାରିବା ସେହି ଅନୁପାତରେ ମୃତ୍ୟୁ ସଂଖ୍ୟା କମିବ। ରାଜ୍ୟରେ ଧୀରେ ଧୀରେ ଆଇସିୟୁ ସଂଖ୍ୟା ବଢ଼ାଯାଉଛି। କିମ୍ବ ହସ୍ପିଟାଲରେ ଆଇସିୟୁ ବଢ଼ାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଆଦିବାସୀ ବହୁଳ ଜିଲ୍ଲାରେ ସଂକ୍ରମଣ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଲେଖିଲେ ବିଜେପି ବିଧାୟକ

ଭୁବନେଶ୍ୱର, ୨୧।୫(ପି.ଏନ): ଓଡିଶାର ଗ୍ରାମାଂଚଳ ତଥା ଆଦିବାସୀ ବହୁଳ ଅନୁନ୍ନତ ଅଂଚଳରେ କ୍ରମବର୍ଦ୍ଧିଷ୍ଣୁ କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବାକୁ ଦାବୀ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ ଜଣାଇଛନ୍ତି ବିଜେପି ବିଧାୟକବୃନ୍ଦ ।ରାଜ୍ୟର ଗ୍ରାମାଂଚଳରେ ଥିବା ସବ୍ ସେଂଟର / ପିଏଚସି / ପିଏଚସି (ନୂତନ) / ସିଏଚସିଗୁଡିକର ଭିତିଭୂମି ସୁଦୃଢ କରି ଡୋର ଟୁ ଡୋର ବ୍ୟାପକ ଟେଷ୍ଟିଂ ଓ ଟ୍ରେସିଂର ବ୍ୟବସ୍ଥା କରାଯାଉ । ରାଜ୍ୟରେ ସିଏଚସିମାନଙ୍କରେ ଗ୍ରାମାଂଚଳର କୋଭିଡ୍ ସଂକ୍ରମିତଙ୍କ ପାଇଁ ଜରୁରୀକାଳିନ ଚିକିତ୍ସା ଯୋଗାଇବା ପାଇଁ ଅତି କମ୍ ରେ ୨୦ଟି ଶଯ୍ୟାର ବ୍ୟବସ୍ଥା କରି ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କର୍ମଚାରୀଙ୍କ ବ୍ୟବସ୍ଥା କରାଯାଉ । ଜିଲ୍ଲାସ୍ତରୀୟ କୋଭିଡ୍ କେୟାର ସେଂଟର କେବଳ ଶଯ୍ୟା କିଣାରେ ସୀମିତ ନରହି ଆବଶ୍ୟକୀୟ ଡାକ୍ତର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କର୍ମଚାରୀଙ୍କ ବ୍ୟବସ୍ଥା କରାଯାଉ । ଅକ୍ସିଜେନ, ଭେଂଟିଲେଟରଯୁକ୍ତ ଶଯ୍ୟା ଓ ଆସିୟୁ ଯୁକ୍ତ ଶଯ୍ୟାର ବ୍ୟପକତତାକୁ ପ୍ରାଥମିକତା ଦିଆଯାଉ । ଭେଂଟିଲେଟର ଅପରେଟର. ଅକ୍ସିଜେନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଯନ୍ତ୍ରପାତି ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ବୈଷୟିକ କର୍ମଚାରୀ ଯୁଦ୍ଧକାଳୀନ ଭିତିରେ ନିଯୁକ୍ତି କରାଯାଉ । ଗ୍ରାମାଂଚଳରେ ଖାଲି ପଡିରହିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରାଯାଉ । ଗ୍ରାମାଂଚଳରେ କୋଭିଡ୍ ଭୂତାଣୁରେ ସଂକ୍ରମିତ ବହୁ ପରିବାରରେ ସଂଗରୋଧରେ ରହିବାର ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ପଂଚାୟତ ସ୍ତରରେ କାର୍ଯ୍ୟକ୍ଷମ ନଥିବା ଟିଏମସି ଏବଂ ସଂଗରୋଧ ଗୃହକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଜେପି ବିଧାୟକମାନେ ଦାବି କରିଛନ୍ତି। ସେହିପରି ଗ୍ରାମ / ପଂଚାୟତସ୍ତରରେ ସ୍ଥାନୀୟ ଲୋକପ୍ରତିନିଧି / ଏନଜିଓ / ସ୍ୱାସ୍ଥକର୍ମୀ ଆଦି ବ୍ୟକ୍ତି ବିଶେଷଙ୍କୁ ନେଇ କୋଭିଡ୍ କ୍ରାଇସିସ୍ ମ୍ୟାନେଜମ୍ୟାଂଟ କମିଟି ଗଠନ କରି ଟିଏମସି / ସଂଗରୋଧ ଗୃହର ସୁପରିଚାଳନା ଦାୟୀତ୍ୱ ଦେବା ସହ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରି ଗୁରୁତର ରୋଗୀଙ୍କୁ ଜିଲ୍ଲାସ୍ତର ବା ରାଜ୍ୟସ୍ତର କୋଭିଡ୍ କେୟାର ସେଂଟରକୁ ପଠାଇବାର ଦାୟୀତ୍ୱ ଦିଆଯାଉ । କୋଭିଡ୍ କ୍ରାଇସିସ୍ ମ୍ୟାନେଜମେଂଟ କମିଟିର ତତ୍ୱାବଧାନରେ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରି ଗ୍ରାମ ପଂଚାୟତ ସ୍ତରରେ ବ୍ୟାପକ ଟୀକାକରଣର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟ ଜନସାଧାରଣଙ୍କୁ ବିଶ୍ୱାସକୁ ନେଇ ଉପରୋକ୍ତ ଦାବୀ ମୁତାବକ ପଦକ୍ଷେପ ନେଇ ଗ୍ରାମାଂଚଳର କୋଡ଼ିଡ୍ ମୁକାବିଲା କରିବା ପାଇଁ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ଡ.ମୁକେଶ ମହାଲିଙ୍ଗ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ.ନାରାୟଣ ରାଓ, ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୫ରୁ ପ୍ରବଳ ବର୍ଷା ସମ୍ଭାବନା : ଉତ୍ତର ଓଡିଶା - ସୁନ୍ଦରବନ ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ସମ୍ଭାବ୍ୟ ବାତ୍ୟା ୟାସ୍

ଭୁବନେଶ୍ୱର, ୨୧।୫(ପି.ଏନ): ଆଜି ଆଣ୍ଡାମାନ ଓ ଆଖପାଖ ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇସାରିଛି। ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବ। ୨୩ ତାରିଖରେ ଅବପାତର ରୂପ ନେବ ଏବଂ ୨୪ ତାରିଖରେ ବାତ୍ୟାରେ ରୂପାନ୍ତରିତ ହୋଇ ଉତର-ପଶ୍ଚିମ ଦିଗକୁ ଗତି କରିବ। ଏହା ପ୍ରଭାବରେ ୨୫ରୁ ଓଡ଼ିଶା ଉପକୂଳ ଅଂଚଳରେ ବର୍ଷା ଆରମ୍ଭ ହେବ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତି ଯେ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରାକ୍ ଆକଳନ ଅନୁଯାୟୀ ବାତ୍ୟା ଉତର ଓଡିଶା - ସୁନ୍ଦରବନ ମଧ୍ୟରେ ସ୍ଥଳଭାଗ ଛୁଇଁବ। ତେବେ ତାର ଗତି ଓ ତୀବ୍ରତା କେତେ ହେବ ତାହା ଜଣାପଡିନାହିଁ। ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ଆଇଏମଡି ଡିଜି ଶ୍ରୀ ମହାପାତ୍ର କହିଛନ୍ତି ଯେ ସାଧାରଣତଃ ବାତ୍ୟା ଗତିପଥର ଡାହାଣ ପାର୍ଶ୍ୱରେ ଅଧିକ ପବନ ଓ ବର୍ଷା ହୁଏ। ବାତ୍ୟାର ବାମପଟ ଅର୍ଥାତ୍ ଓଡ଼ିଶା ଉପକୂଳ ଅଂଚଳ ମଧ ପ୍ରଭାବିତ ହେବ। ଉତର ଓଡ଼ିଶା ଓ ପଶ୍ଚିମବଙ୍ଗର କିଛି ଅଂଚଳ ଅଧିକ ପ୍ରଭାବିତ ହେବ। ଅବପାତରେ ପରିଣତ ହୋଇନଥିବାରୁ ଲ୍ୟାଣ୍ଡଫଲ୍ ସ୍ଥାନ ନିରୂପଣ ହୋଇନି।

## ପେଟ୍ରୋଲ-ଡିଜେଲ ପୁଣି ମହଙ୍ଗା, ଦିଲ୍ଲୀରେ ପେଟ୍ରୋଲ ୯୩ ଟଙ୍କାରୁ ଉର୍ଦ୍ଧ୍ୱ

ନୂଆଦିଲ୍ଲୀ, ୨୧।୫(ପି.ଏନ): ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ପୁଣି ମହଙ୍ଗା ହୋଇଛି । ପବ୍ଲିକ ସେକ୍ଟରରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦୁଇ ଦିନ ପରେ ଯଥାକ୍ରମେ ଲିଟର ପିଛା୧୯ ପଇସା ଏବଂ ୨୯ ପଇସା ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ସହିତ ଶୁକ୍ରବାର ଦିନ ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୩ ଟଙ୍କା ଅତିକ୍ରମ କରିଛି । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ୪ ମହାନଗରୀ ଯଥା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକତାରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୩.୦୪, ୯୯.୩୪, ୯୪.୭୧ ଏବଂ ୯୩.୧୧ ଟଙ୍କାକୁ ବୃଦ୍ଧି ପାଇଛି । ଏଥି ସହିତ ଡିଜେଲ ମଧ୍ୟ ଏହି ୪ ମହାନଗରୀରେ ଯଥାକ୍ରମେ ଲିଟର ପିଛା ୮୩.୮୦, ୯୧.୦୧, ୮୮.୬୨ ଏବଂ ୮୬.୬୪ ଟଙ୍କା ରହିଛି । ଉଲ୍ଲେଖନୀୟ ଯେ, ଗତ ୨୪ ଦିନରେ ପେଟ୍ରୋଲ ୨.୬୯ ଟଙ୍କା ପ୍ରତି ଲିଟର ପିଛା ବଢ଼ିଥିବା ବେଳେ ଗତ ୧୨ ଦିନରେ ଡିଜେଲ ୩.୦୭ ଟଙ୍କା ପ୍ରତି ଲିଟର ପିଛି ବୃଦ୍ଧି ଘଟିଥିଲା । ତେବେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଗୋଟିଏ ଦିନ ପୂର୍ବରୁ କାରବାର ଶେଷରେ ବ୍ୟାରେଲ ପିଛା ୬୫.୧୧ ଡଲାରକୁ ଖସି ଆସିଛି ।

## ଜି.ଭି.ଭି ଶର୍ମା ହେଲେ ରାଜସ୍ୱ ପର୍ଷଦ ସଦସ୍ୟ

ଭୁବନେଶ୍ୱର, ୨୧।୫(ପି.ଏନ): ବରିଷ୍ଠ ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ୧୯୮୬ ବ୍ୟାଚ୍ ଆଇଏଏସ୍ ଜି.ଭି.ଭି ଶର୍ମାଙ୍କ ରାଜସ୍ୱ ପର୍ଷଦର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୯୮୮ ବ୍ୟାଚ୍ ଆଇଏଏସ୍ ସି.ଜେ ଭେନୁଗୋପାଳଙ୍କୁ କେବିକେ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ସୁଦର୍ଶନ ପାଲ୍ ଠାକୁରଙ୍କ ସ୍ଥାନରେ ଭେନୁଗୋପାଳଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଚିଫ୍ ରେସିଡେଂଟ କମିଶନର ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ରହିବେ।

## ଆସୁଛି ବାତ୍ୟା; ୪ଟି ସ୍ଥାନରେ ମୁକୁଳା ପଡିଛି ନଦୀବନ୍ଧ, ଆତଙ୍କିତ ନଦୀକୂଳିଆବାସୀ

ଭଦ୍ରକ, ୨୧।୫(ପି.ଏନ): ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୩/୪ ଦିନ ମଧ୍ୟରେ ଉପକୂଳବର୍ତ୍ତୀ ଅଂଚଳରେ ବାତ୍ୟା ହେବାର ଆଶଙ୍କା ରହିଛି। ଏପରିକି ଏସଆରସିଙ୍କ ପକ୍ଷରୁ ପ୍ରଭାବିତ ହେବାକୁ ଥିବା ଜିଲାର ଜିଲାପାଳମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ କିପରି ଅବସ୍ଥାରେ ଅଛନ୍ତି ଭଦ୍ରକ ଜିଲାର ନଦୀକୂଳିଆବାସୀ, ତାର ସ୍ଥିତି ପରଖିବା ପାଇଁ ଗତକାଲି ଜିଲାପାଳ ଜ୍ଞାନ ଦାସ ସମସ୍ତ ତହସିଲଦାର ଓ ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି। ଭଦ୍ରକ ଜିଲାର ଜଳଦେଶ ତଥା ତ୍ରିକୋଣ ଅଂଚଳ ଭାବେ ପରିଚିତ ଚାନ୍ଦବାଲି ବ୍ଲକ୍‌ର ଆରଡି, ତେନ୍ତୁଳିଡିହ, ମାଧପୁର, ସୁନ୍ଦରପୁର, ଓଳଗ, ନାନ୍ଦପୁର ଆଦି ପଂଚାୟତ ଦେଇ ପ୍ରବାହିତ ହେଉଥିବା ବୈତରଣୀ ଓ ସାଳନ୍ଦୀ ନଦୀ କୂଳକୁ ଲାଗି ରହିଛି ମୁଆଁ, କୁଳିବିନ୍ଧା, ପାଳଟପୁର, ଶୀତଳପୁର, ଗରିପୁର, ଧାନଖଣିଆ, ତିନିତର ଆଦି ୨୦/୨୨ ଟି ଗାଁ। ହେଲେ ଅନେକ ସ୍ଥାନରେ ନଦୀବନ୍ଧ ଅତ୍ୟନ୍ତ ଦୃବଳ ରହିଥିବାବେଳେ ୪ ରୁ ୫ ଟି ସ୍ଥାନରେ ଦୀର୍ଘବର୍ଷ ହେବ ନଦୀବନ୍ଧ ନଈରେ ଲିନ୍ନ ହୋଇଥିଲେ ମଧ ଆଜିପର୍ଯ୍ୟନ୍ତ ମରାମତି ହୋଇନଥିବା ନଦୀକୂଳିଆବାସୀ ବିଶେଷକରି ଆଗକୁ ପୂର୍ଣ୍ଣିମା ତିଥି ଥିବାରୁ ନିକଟସ୍ଥ ଧାମରା ସମୁଦ୍ର ମୁହାଣ ଅଶାନ୍ତ ରହିବା, ତାହା ସହ ଘୂର୍ଣ୍ଣିବଳୟ ପ୍ରଭାବରେ ଉଚ୍ଚ ଜୁଆର ଉଠିବାର ସମ୍ଭାବନା ରହିଛି। ଯଦି ଏପରି ସ୍ଥିତି ସୃଷ୍ଟି ହୁଏ, ତାହେଲେ ଜନବସତିକୁ ଲୁଣାପାଣି ମାଡି ଆସିବ ବୋଲି ନଦୀକୂଳିଆ କହିଛନ୍ତି। ପୂର୍ବରୁ ଗ୍ରୀଷ୍ମଋତୁରେ ଯେବେ ବାତ୍ୟା ହୋଇଛି, ଲୁଣା ଢେଉ ମାଡି ଆସିବାର ନଜିର ରହିଛି ବୋଲି ଶାନ୍ତନୁ ଦାସ, ପର୍ଶୁରାମ ମାଝୀ, ଆନନ୍ଦ ଜେନା ପ୍ରମୁଖ କହିଛନ୍ତି। ଏପଟେ ଭଦ୍ରକ ଜିଲାପାଳଙ୍କ ପକ୍ଷରୁ ସମ୍ଭାବ୍ୟ ବାତ୍ୟାର ସମୀକ୍ଷା କରାଯିବା ସହ ସମସ୍ତ ତହସିଲଦାର ଓ ବିଡିଓଙ୍କୁ ନଦୀକୂଳିଆ ଅଂଚଳ ଓ ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଦେଖି ରିପୋର୍ଟ କରିବାକୁ ଜଣାଇଛନ୍ତି। ଏପରିକି ଜିଲାପାଳ ଶ୍ରୀ ଦାସ ଏକ ପ୍ରେସ୍‌ମିଟ୍ ମାଧମରେ ଜିଲା ପ୍ରଶାସନ ବାତ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଚଳାଇଥିବା ଜଣାଇଛନ୍ତି।









ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ବାରାଣାସୀର ଡାକ୍ତର ଏବଂ ଅଧିକାରୀଙ୍କ ସହ କଥାବାର୍ତ୍ତା କରୁଛନ୍ତି

## କୋଭିଡ୍ ଟୀକା ଗ୍ଲୋବାଲ ଟେଣ୍ଡରର ସର୍ତ୍ତାବଳୀ ସଂଶୋଧନକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର, ୨୧।୫(ପି.ଏନ): କୋଭିଡ୍ ଟୀକା କିଣିବା ପାଇଁ ଡକାଯାଇଥିବା ଗ୍ଲୋବାଲ ଟେଣ୍ଡର ପାଇଁ କାଗଜପତ୍ର ଓ ସର୍ତ୍ତାବଳୀକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟୀକା କମ୍ପାନୀ ସହ ୧୯ରେ ପ୍ରିବିଡ୍ ଆଲୋଚନା ହୋଇଥିଲା। ଟେଣ୍ଡର ପାଇଁ ଥିବା ସର୍ତ୍ତରେ କିଛି ସଂଶୋଧନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଟେକ୍ନିକାଲ କମିଟିର ସୁପାରିଶ ଭିତିରେ ଟେଣ୍ଡରରେ ସବୁ ସଂଶୋଧିତ ସର୍ତ୍ତକୁ ବୈଠକରେ ଅନୁମତି ମିଳିଛି। ଟୀକା କମ୍ପାନୀ ଚାହିଁଲେ ପୂରା ପରିମାଣ ଉପରେ ବିଡ୍ କରିପାରିବେ। ଟେଣ୍ଡରରେ ବିଶ୍ୱର ସବୁ କମ୍ପାନୀ ସାମିଲ ହୋଇପାରିବେ। ଶୀଘ୍ର ଟୀକା କିଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି ।କୋଭିଡ୍ ଟିକା କ୍ରୟ ପାଇଁ ରାଜ୍ୟ ସରକାରଙ୍କ ଗ୍ଲୋବାଲ ଟେଣ୍ଡରରେ ଭାଗ ନେବାକୁ ଥିବା ଉତ୍ପାଦନକାରୀ କମ୍ପାନୀମାନଙ୍କୁ ୩% ପରଫରମାନ୍ସ ସିକ୍ୟୁରିଟି, ଇଏମଡି, ବିଡ୍ ସିକ୍ୟୁରିଟି ଓ ଲିକ୍ୟୁଡିଟି ଡ୍ୟାମେଜ୍ ଭଳି ସର୍ତ୍ତାବଳୀରୁ ସରକାର ଆଶ୍ୱସ୍ତି ଦେଇଛନ୍ତି । ଯେକୌଣସି ଟେଣ୍ଡରରେ ଏସବୁ ଆର୍ଥିକ ସର୍ତ୍ତାବଳୀ ରହୁଥିଲେ ମଧ କୋଭିଡ୍ ଟିକା କ୍ରୟ ନିମନ୍ତେ କ୍ୟାବିନେଟ୍ ଏସବୁ ଟେଣ୍ଡର ସର୍ତ୍ତକୁ ବାଦ୍ ଦେଇଛନ୍ତି ଓ ଏଥିପାଇଁ ଓଜିଏଫଆର ଓ ଡିଏଫଡିଆରରେ ସଂଶୋଧନକୁ ମଧ ମଞ୍ଜୁରୀ ଦେଇଛନ୍ତି ବୋଲି ଜଣାପଡ଼ିଛି ।ଆସନ୍ତା ୪ମାସ ମଧ୍ୟରେ ରାଜ୍ୟର ସମସ୍ତଙ୍କୁ ଟିକାକରଣ କରିବା ପାଇଁ ଓ ଟିକା ଉତ୍ପାଦନକାରୀଙ୍କ ମଧ୍ୟରେ ଏକ ସକରାତ୍ମକ ସନ୍ଦେଶ ଦେଇ ସେମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଟେଣ୍ଡର ଇଏମଡି, ବିଡ୍ ସିକ୍ୟୁରିଟି, ଲିକ୍ୟୁଡିଟି ଡ୍ୟାମେଜ୍ ଆଦି ସର୍ତ୍ତକୁ ଛାଡ଼ କରାଯାଇଛି । ସେହିପରି -୨୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ରହି ପାରୁଥିବା ଟିକାଗୁଡ଼ିକ ୨ଡିଗ୍ରୀରୁ ୮ଡିଗ୍ରୀ ତାପମାତ୍ରରେ ୧୨ଘଂଟା ପର୍ଯ୍ୟନ୍ତ ନିଜର ଗୁଣବତା ଅପରିବର୍ତନ କରି ରହୁଥବ ସେହି ଟିକା ଉତ୍ପାଦନକାରୀଙ୍କୁ ମଧ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାକୁ ସମ୍ମତି ମିଳିଛି।

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଣ୍ଟିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

# ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମଇ ୨୨

# ରାଜକୋଷର ଦୁରୁପଯୋଗ !

ଗୋଟିଏ ଜାତି ବା ରାଷ୍ଟ୍ର ଜୀବନରେ ବରପୁତ୍ରମାନଙ୍କର ପ୍ରତିମା, ପ୍ରତିକୃତି ସ୍ଥାପନର ଯଥାର୍ଥତା ରହିଛି । ଯେଉଁ ଐତିହାସିକ ପୁରୁଷମାନଙ୍କର ଅବଦାନରେ ଜାତି, ଅଞ୍ଚ. ରାଜ୍ୟ ଓ ସମୁଦାୟ ବହୁଳଭାବେ ଉପକୃତ ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ପ୍ରଶ୍ନ କରାଯାଇ ନ'ପାରେ । ଏହି ବ୍ୟକ୍ତିତ୍ୱମାନଙ୍କ ସହ ଲୋକଙ୍କର ଏକ ଭାବଗତ ସମ୍ପର୍କ ଥାଏ । ଦେଶର ଅନେକ ରାଜନୈତିକ ଦଳ ମଧ୍ୟ ନିଜନିଜର ଆଦର୍ଶ ଭିତ୍ତିରେ ନେତା ବା ରାଷ୍ଟ୍ରପୁରୁଷମାନଙ୍କର ସ୍ମାରକୀ ଓ ପ୍ରତିକୃତି ନିର୍ମାଣ କରୁଛନ୍ତି । ଏଥିରେ କାହାରି କିଛି ଆପତ୍ତି କରିବାର ନାହିଁ । ମାୟାବତୀଙ୍କ ଦ୍ୱାରା ବ୍ୟୟବହୁଳ ଆମ୍ବେଦକର ସ୍ମାରକୀ ନିର୍ମାଣ ପରେ ଏନଡିଏ ସରକାର ଲୌହପୁରୁଷ ସର୍ଦ୍ଦାର ପଟେଲଙ୍କର ଏକ ବିରାଟ ପ୍ରତିକୃତି ବହୁ ଅର୍ଥ ଖର୍ଚ୍ଚ କରି ନିର୍ମାଣ କରିଛନ୍ତି । ନିକଟଅତୀତରେ ମହାରାଷ୍ଟ୍ରରେ କ୍ଷମତାସୀନ ଥିବା ବିଜେପି ସରକାର ମୁମ୍ବଇ ନିକଟ ଏକ କ୍ଷୁଦ୍ର ଦ୍ୱୀପରେ ୩୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଛତ୍ରପତି ଶିବାଜୀଙ୍କର ଏକ ବିରାଟ ପ୍ରତିମା ଓ ସ୍ମାରକୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମହାରାଷ୍ଟ୍ରର ଇତିହାସ ଓ ରାଜନୀତିରେ ଶିବାଜୀଙ୍କ ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ମାରକୀ ନିର୍ମାଣ ପ୍ରଶ୍ନାତୀତ ନହେଲେ ମଧ୍ୟ ଏଥିପାଇଁ ରାଜକୋଷରୁ ଦରିଦ୍ର କରଦାତାଙ୍କ ଅର୍ଥକୁ ଖର୍ଚ୍ଚ କରାଯିବାର ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ବିଚାରବନ୍ତ ମଣିଷର ବିବେକ ଚହଲାଇ ଦେବାକୁ ଯଥେଷ୍ଟ । ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଖର୍ଚ୍ଚକୁ ଗୁରୁତ୍ୱ ନ ଦେଇ ଏହାର ଶୁଭଦାନ କରିବା ସାଂପ୍ରତିକ ବିମୁଦ୍ରାୟନ କାଳରେ ଆଶ୍ଚର୍ଯ୍ୟ ଲାଗେ । ଏଭଳି ଏକ ପ୍ରକଳ୍ପ ପାଇଁ ସରକାର କିଛି ସହାୟତା ଦେବା ଭିନ୍ନ କଥା; ପୂରା ବ୍ୟୟଭାର ମୁଣ୍ଡାଇବାର କୌଣସି ଯୁକ୍ତି ଦେଖାଯାଉନାହିଁ । ଏହି ସ୍ମାରକୀ ପାଇଁ ଯଦି ସର୍ବସାଧାରଣରୁ ଦାନ ବା ଚାନ୍ଦା ଆକାରରେ ପାଣ୍ଠି ସଂଗ୍ରହ କରାଯାଇଥାନ୍ତା, ସେଥିରେ ହୁଏତ କାହାର କିଛି କହିବାର ନଥିଲା; ମାତ୍ର ଏ ବାବଦ ବିପୁଳ ବ୍ୟୟ ମହାରାଷ୍ଟ୍ର ରାଜକୋଷରୁ ଖର୍ଚ୍ଚ କରିବା ନିଷ୍ପତ୍ତି ନିଶ୍ଚିତ ଆପତ୍ତିଜନକ ମନେହୁଏ । ମହାରାଷ୍ଟ୍ରର ଆର୍ଥିକ ଅବସ୍ଥା ଏବେ ଭଲ ନୁହେଁ । ଏହା ଦେଶର ସବୁଠୁ ଅଧିକ ଋଣଗ୍ରସ୍ତ ରାଜ୍ୟ । ମହାରାଷ୍ଟ୍ରରେ କରଜ ଶୁଝି ନ ପାରି ଚାଷୀ ଆତ୍ମହତ୍ୟା ହାର ସର୍ବାଧିକ । ଚାଷୀ ମୂଲିଆଙ୍କଠାରୁ ସାଧାରଣ ଜନତା ରୋଜଗାର ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାକୁ ଅପେକ୍ଷା କରି ରହିଥିବାବେଳେ ପଇସାକର ଲାଭର ସମ୍ଭାବନା ନଥିବା ଏଭଳି ଏକ ସ୍ମାରକୀରେ ୩୬୦୦ କୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ ନିଷ୍ପତ୍ତି କେତେ ଯୁକ୍ତିଯୁକ୍ତ ? ମହାରାଷ୍ଟ୍ରରେ ସଚେତନ ବୁଦ୍ଧିଜୀବୀ ଓ ଚିନ୍ତାନାୟକଙ୍କର ଅଭାବ ନାହିଁ । ଦେଶରେ ମଧ୍ୟ ସମମନୋଭାବାପନ୍ନ ଲୋକଙ୍କର ସଂଖ୍ୟା ବି କିଛି କମ୍ ନୁହେଁ । ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ସେମାନେ ଖୁସି ନଥିଲେ ମଧ୍ୟ ପ୍ରକାଶ୍ୟ ବିରୋଧ କରିବା ଅବସ୍ଥାରେ ନାହାନ୍ତି । ତାହାର କାରଣ ଅତି ସରଳ । ଏହାପଛରେ ମହାରାଷ୍ଟ୍ର ଜନତାଙ୍କ ଭାବଗତ ସମ୍ପର୍କ ଅପେକ୍ଷା ରାଜନୀତି ଅଧିକ । ସେଠାରେ ସଂରକ୍ଷଣ ଓ ଅନ୍ୟାନ୍ୟ ରାଜନୈତିକ ସୁବିଧାସୁଯୋଗ ଦାବି କରୁଥିବା ମରାଠାମାନଙ୍କୁ ମନେଇବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ । ମରାଠାମାନଙ୍କ ସଂଖ୍ୟା ରାଜ୍ୟର ଜନସଂଖ୍ୟାର ୩୩% । ସେମାନଙ୍କୁ ତୋଷ କରିବାପାଇଁ ମରାଠାବୀର ଶିବାଜୀଙ୍କ ଏକ ବ୍ୟୟବହୁଳ ସ୍ମାରକୀ ନିର୍ମାଣ ପାଇଁ ଅଜସ୍ର ଅର୍ଥ ରାଜକୋଷରୁ ବ୍ୟୟ କରିବାକୁ ସେଠା ସରକାରଙ୍କ ପ୍ରୟାସ ଯେ ସଫଳ ହେବ ତାହା ବିଶ୍ୱାସ ହେଉନାହିଁ । ସେଠାକାର ରାଜନୈତିକ, ଆର୍ଥିକ ଓ ସାମାଜିକ ସମୀକରଣକୁ ବଦଳାଇବାରେ ଶିବାଜୀ ସ୍ମାରକୀ ସମର୍ଥ ହେବା ସମ୍ଭାବନା କମ୍; କାରଣ ମରାଠାମାନେ ଭାବଗତ ପ୍ରସଙ୍ଗର ଉପରକୁ ଉଠି ବାସ୍ତବତାକୁ ଏବେ ଧରିବାକୁ ଚେଷ୍ଟା କରୁଛନ୍ତି । ଏଭଳି ପ୍ରସଙ୍ଗରେ ରାଜନୈତିକ ବିରୋଧ ପ୍ରାୟ ଆସେନାହିଁ । ଭୋଟ ରାଜନୀତିରେ ଭାବଗତ ପ୍ରସଙ୍ଗରେ କୌଣସି ଦଳ ଅନ୍ତରାୟ ସୃଷ୍ଟି କରି ନିଜର ଭୋଟବ୍ୟାଙ୍କ ଉଜାଡ଼ିବାକୁ ଚାହାନ୍ତି ନାହିଁ । ଆନ୍ଧ୍ରରେ ରାଜୁ, ଗୁଜରାଟରେ ପଟିଦାର, ହରିୟାଣାରେ ଜାଟ୍ ରାଜନୈତିକ ସୁବିଧାସୁଯୋଗ ଓ ସ୍ଥାନସଂରକ୍ଷଣ ଦାବିରେ ଏବେ ମଧ୍ୟ ସରକାରଙ୍କୁ ନିଶାଣ କରୁଛନ୍ତି । ସମସ୍ୟାର ରାଜନୈତିକ ସମାଧାନ ଲୋଡ଼ା, ତା'ନକରି ଏକ ଭାବଗତ ପ୍ରସଙ୍ଗକୁ ଉତ୍ଥାପନ କରି ସେଥିରେ ବିପୁଳ ସରକାରୀ ଅର୍ଥ ବ୍ୟୟ କରିଦେଲେ କ୍ଷୁବ୍ଧ ଲୋକଙ୍କ ସମସ୍ୟାର ସମାଧାନ ହେବନାହିଁ ବରଂ ସରକାରଙ୍କ ଅବିମୃଶ୍ୟକାରିତା ଧରାପଡ଼ିବ । ପରିସଂଖ୍ୟାନ କହୁଛି ଦେଶର ଅନ୍ୟତମ ଆଗୁଆ ରାଜ୍ୟଭାବେ ବିବେଚିତ ମହାରାଷ୍ଟ୍ରରେ ଏବେ ୧୦ ଜଣରେ ଜଣେ ଶିଶୁ କୁପୋଷଣ ଓ ୭୪ଶତାଂଶ ରକ୍ତହୀନତାର ସମ୍ମୁଖୀନ । ରାଜ୍ୟର ଜନଜାତି ଅଞ୍ଚଳର ଲୋକଙ୍କ ଅବସ୍ଥା ଅତି ଖରାପ । ଗ୍ରାମୀଣ ମହାରାଷ୍ଟ୍ରରେ ଅର୍ଥନୀତି ଏବେ ବିପର୍ଯ୍ୟସ୍ତ । ଏଭଳି ସ୍ଥିତିରେ ସ୍ମାରକୀ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଯଦି ସେମାନଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯାଇଥା'ନ୍ତା ତାହା ବୀର ଶିବାଜୀଙ୍କ ପ୍ରତି ବୋଧହୁଏ ଏକ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇଥାନ୍ତା । ଶିବାଜୀ ବଞ୍ଚିଥିଲେ ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ନିଶ୍ଚିତ ବ୍ୟଥିତ ଓ ମର୍ମାହତ ହୋଇଥା'ନ୍ତେ । ସେ ନିଜର ଶକ୍ତି, ସାମର୍ଥ୍ୟ ଓ ଲଢୁଆପଣ ଉପରେ ଭରସା କରୁଥିଲେ ଏବଂ ମରାଠାମାନଙ୍କୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ଉଦ୍ୟମ କରିଥିଲେ । ଶିବାଜୀଙ୍କ ପ୍ରତି ଏହା ସମ୍ମାନ ନା ଅସମ୍ମାନ ତାହା ବୋଧହୁଏ ମହାରାଷ୍ଟ୍ର ସରକାର ବୁଝିବା ଅବସ୍ଥାରେ ନାହାନ୍ତି । ଆଶାକରିବା ମହାରାଷ୍ଟ୍ର ସରକାରଙ୍କର ବିବେକ ଉଦୟ ହେବ ଏବଂ ଏହି ପ୍ରକଳ୍ପ ପାଇଁ ରାଜକୋଷର ଦୁରୁପଯୋଗ କରିବେ ନାହିଁ ।

## ଆଜିର ଅନୁଚିନ୍ତା

ଶରୀର ନଶ୍ୱର ହେଲେ ମଧ୍ୟ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ ।

# ସୌନ୍ଦର୍ଯ୍ୟର ପରିଭାଷା

ଆଧାତ୍ମିକ ଶିକ୍ଷଣ ସ୍ତମ୍ଭ — କଳ୍ପବଟ ....

ରୂପ ସଜେଇ ହେବାରେ ସୌନ୍ଦର୍ଯ୍ୟ ନଥାଏ; ଥାଏ ଗୁଣରେ । ସମାଜରେ ବହୁ ଧନୀ ଲୋକ ଅଛନ୍ତି । ହେଲେ ଦାନ କରିବା ଗୁଣରେ ଶୂନ । ବହୁ ସାଧାରଣ ମଣିଷ ଅଛନ୍ତି ଦାନ କରିବାରେ ନିପୁଣ । ସୁନ୍ଦର ବେଶ-ପୋଷାକରେ ସଜେଇ ହୋଇଥିବା ଲୋକ ସୁନ୍ଦର ହୋଇ ନ ପାରନ୍ତି । ବେଶ ପୋଷାକ ନ ଥାଇ ବି ଲୋକ ସୁନ୍ଦର ହୋଇପାରନ୍ତି । ସମସ୍ତଙ୍କ ସ୍ମରଣ ପରିସରକୁ ଆସିପାରନ୍ତି । ମଣିଷ ପାଇଁ ରୂପ ଅପେକ୍ଷା ଗୁଣର ମହତ୍ତ୍ୱ ବେଶୀ । ଗୁଣ ବିଚାରକୁ ନେଇ ଘଟଣାଟିଏ । ସମୟକ୍ରମେ ଭାରତରେ ଅନ୍ଧବିଶ୍ୱାସ, କୁସଂସ୍କାର ପ୍ରବେଶ କରିଯାଇଥିଲା । ଏ ସବୁକୁ ହଟାଇଲେ ଦେଶର ଉନ୍ନତି ହେବ । ଏ କଥା ଭଲଭାବରେ ଜାଣିଥିଲେ ସ୍ୱାମୀ ବିବେକାନନ୍ଦ । ତେଣୁ ଭାରତରେ ନାରୀ ଶିକ୍ଷାର ପ୍ରଚାର- ପ୍ରସାର ପାଇଁ ସ୍ୱାମୀ ବିବେକାନନ୍ଦ ଖୁବ୍ ଚେଷ୍ଟା କରୁଥିଲେ । ସ୍ୱାମିଜୀ ଜାଣିଥିଲେ ନାରୀ ସନ୍ତାନକୁ ଲାଳନ ପାଳନ କରି ନାରୀଟିଏ ଶିକ୍ଷା ଦେଇପାରିଲେ ଦେଶର ସ୍ଥିତି ସୁଧୁରିବ । ନ ହେଲେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଭାରତର ମହାନ ସଂସ୍କୃତି ଧୂଳିସାତ୍ ହୋଇଯିବ । ହେଲେ ଭାରତରେ ସେପରି କାହାକୁ ପାଇ ନଥିଲେ । ଭଲ କାର୍ଯ୍ୟ ପାଇଁ ମନ ବଳାଇଲେ ପରମାତ୍ମା ତାହାର ସୁଯୋଗ ସୃଷ୍ଟିକରନ୍ତି । ସେହି ନ୍ୟାୟରେ ସ୍ୱାମିଜୀ ବିଦେଶରେ ଥାଆନ୍ତି । ସେଦିନ ଇଂଲଣ୍ଡରେ ସନାତନ ସଂସ୍କୃତି ଉପରେ ଭାଷଣ ଦେଇସାରିଥିଲେ । ଜଣେ ମହିଳା ଇସାବେଲଙ୍କ ଘରେ ବିଶ୍ରାମ କରିଥାନ୍ତି । ପ୍ରଥମ ଥର ପାଇଁ ଭେଟହେଲେ ଜଣେ ବ୍ରହ୍ମଚାରିଣୀ ମହିଳା- ମାର୍ଗାରେଟ ନୋବେଲ୍ । ସେ ବିବେକାନନ୍ଦଙ୍କ ଭାଷଣରେ ଖୁବ୍ ପ୍ରଭାବିତ ହୋଇଥିଲେ । ସ୍ୱାମିଜୀଙ୍କ ଦ୍ୱାରା ଅନୁପ୍ରାଣିତା ହୋଇ ଭାରତକୁ ଆସିଲେ । ନିଜ ଜୀବନକୁ ଲୋକକଲ୍ୟାଣରେ ବିନିଯୋଗ କରିବାର ସଂକଳ୍ପ ନେଲେ ମାର୍ଗାରେଟ ନୋବେଲ୍ । ତେଣୁ ସ୍ୱାମିଜୀଙ୍କ ସହିତ ଭାରତକୁ ଆସିଲେ । ମା ଶାରଦାମଣିଙ୍କୁ ପ୍ରଣାମ କଲାବେଳେ ମାଆ ତାଙ୍କର ନାମ ଦେଲେ ନିବେଦିତା । ସାରା ବିଶ୍ୱ ତାଙ୍କୁ ଜାଣିଲା ଭଗିନୀ ନିବେଦିତା ନାମରେ । ଭଗିନୀ ନିବେଦିତା ଭାରତରେ ରହି ଚେଷ୍ଟାକରୁଥିଲେ ନାରୀମାନଙ୍କ ମଧ୍ୟରେ ସୌନ୍ଦର୍ଯ୍ୟ ବୋଧ ଭରିଦେବା ପାଇଁ । ତେଣୁ ସେ ଗୋଟିଏ ବିଦ୍ୟାଳୟ କରିଥିଲେ । ସେହିଠାରେ କୁନିକୁନି ଛାତ୍ରୀମାନଙ୍କୁ ଅତିଥି ଜ୍ଞାନ କରୁଥିଲେ । ନିଜେ ରାନ୍ଧିଥିବା ଭୋଜନ ଆଦରରେ ପରଷି ଦେଉଥିଲେ । କୁନି ଅତିଥିମାନଙ୍କ ପାଇଁ ଶାଳପତ୍ର ସଂଗ୍ରହ କରୁଥିଲେ । ତାକୁ ତିନିକୋଣିଆ କରି କାଟୁଥିଲେ । ସେଥିରେ ଦନା (ଡାଟିଆ ଭଳି ପାତ୍ର) ତିଆରି କରୁଥିଲେ । ଦନାରେ ଖାଦ୍ୟ ପରଷୁଥିଲେ । ଗୋଟିଏ ଝୁଡ଼ି ଉପରେ ସଜାଡ଼ି କରି ରଖୁଥିଲେ । ତା'ପରେ ଜଣଜଣକରି ବାଣ୍ଟିଦେଉଥିଲେ । ସେମାନଙ୍କ ଭୋଜନ ପରେ ପୁଣି ନିଜେ ପତ୍ର ଉଠାଇ ଗୋଟିଏ ଜାଗାରେ ଗଦାକରୁଥିଲେ । ଏହା ଥିଲା ନିବେଦିତାଙ୍କ ଆଚରଣ ଯୁକ୍ତ ଶିକ୍ଷା । ନିଜେ କରିବା ଦ୍ୱାରା ଶାନ୍ତି ପାଉଥିଲେ ଓ ପିଲାମାନେ ମଧ୍ୟ ଅତିଥି ସେବାର ଶିକ୍ଷା ପାଉଥିଲେ । ଭଗିନୀ ନିବେଦିତା କହୁଥିଲେ- ନାରୀର ସୌନ୍ଦର୍ଯ୍ୟ ରୂପରେ ନୁହେଁ; ଗୁଣରେ ହିଁ ନିହିତ ଥାଏ ।

# ବନ୍ଧୁକ ମୂନରେ ତିବତ ସହ ଚୀନର ୧୭ ସୂତ୍ରୀ ଚୁକ୍ତିକୁ ୭୦ ବର୍ଷ



ଡ. ସମନ୍ୱୟ ନନ୍ଦ

ତିବତ କେବେ ହେଲେ ଚୀନର ଅଂଶବିଶେଷ ନ ଥିଲା ଓ ଚୀନ ତିବତ ଉପରେ ବଳପୂର୍ବକ ଅଧିକାର କରିଥିଲା ଏହାକୁ ଲୋକ ମାନେ ନିଜ ଆଖିରେ ଦେଖିଛନ୍ତି । ୧୯୫୦ ମସିହାରେ ତିବତର ପ୍ରତିନିଧି ଦଳକୁ ଚୀନ ବନ୍ଧୁକ ମୂନରେ ୧୭ ସୂତ୍ରୀ ଚୁକ୍ତିରେ ହସ୍ତାକ୍ଷର କରିବାକୁ ବାଧ୍ୟ କରିଥିଲା । ଏହି ଘଟଣାକୁ ୭୦ ବର୍ଷ ପୂରଣ ହେଉଛି । ଏହି ସମୟ ମଧ୍ୟରେ ଚୀନ ତିବତର ଲୋକ ମାନଙ୍କୁ ଅତ୍ୟାଚାର ନିର୍ଯ୍ୟାତନା ଦେବା ସହ ତିବତୀୟ ସଂସ୍କୃତି- ପରମ୍ପରାକୁ ନଷ୍ଟ କରିବାକୁ ସମସ୍ତ ପାଶବିକ ଶକ୍ତି ପ୍ରୟୋଗ କରିବାରେ ଲାଗିଛି ।

୧୯୪୯ ମସିହାରେ ମାଓଙ୍କ ନେତୃତ୍ୱରେ ପିପୁଲ୍ସ ରିପବ୍ଲିକ ଅଫ ଚାଇନା (ପିଆରସି) ଗଠନ ହେବା ପରେ ହିଁ ବେଜିଂ ରେଡିଓ ଘୋଷଣା କଲା ଯେ ତିବତକୁ ସାମ୍ରାଜ୍ୟବାଦୀ ଶକ୍ତି ମାନଙ୍କ ଠାରୁ ମୁକ୍ତ କରାଇବାକୁ ପଡିବ । ତିବତର ଲୋକ ମାନେ ଏହାକୁ ଶୁଣି ଆଶ୍ଚର୍ଯ୍ୟ ହେଲେ । ସେମାନେ ଚିନ୍ତା କରୁଥିଲେ ଯେ ତିବତ ତ ସ୍ୱାଧୀନ ଦେଶ । ଆମକୁ କଣ ମୁକ୍ତ କରିବା କଥା ଚୀନ କହୁଛି । ହେଲେ ଚୀନ ତାର ଉଦ୍ଦେଶ୍ୟ ନେଇ ସ୍ପଷ୍ଟ ଥିଲା ।

ଚୀନ ପକ୍ଷରୁ ଆସନ୍ନ ବିପଦ ଦେଖି ତିବତ ନିଜର ସ୍ୱାଧୀନତାର ରକ୍ଷା ପାଇଁ ଶେଷ ପ୍ରୟାସ କରିଥିଲା । ତିବତ ପକ୍ଷରୁ ବିଶ୍ୱର ପ୍ରମୁଖ ଦେଶ ବିଶେଷ ଭାବେ ଭାରତ. ଆମେରିକା ଓ ଇଂଲଣ୍ଡର ସରକାରଙ୍କୁ ସଂପର୍କ କରିବାକୁ ପ୍ରତିନିଧି ଦଳ ପଠାଇଥିଲା । ଶକପାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଭେଟି ଥିଲା । ଭାରତ ସରକାରଙ୍କ ଆଭିମୁଖ୍ୟ ଆଦୌ ସକାରାତ୍ମକ ନ ଥିଲା । ଶକପା ନେହରୁଙ୍କୁ କହିଥିଲେ ଯେ – "ଯଦି ତିବତ ଚୀନ କବଳକୁ ଚାଲି ଯାଏ ତେବେ ଅନ୍ୟ ଦେଶ ବିଶେଷ ଭାବରେ ଭାରତର ସୀମା ଅସୁରକ୍ଷିତ ହୋଇ ଯିବ । ବର୍ତ୍ତମାନ ଭାରତରେ ଥିବା ତାର ବାଣିଜ୍ୟିକ କେନ୍ଦ୍ର ମାନଙ୍କର ସୁରକ୍ଷା ପାଇଁ ମାତ୍ର ୭୫ଜଣ ସୈନିକ ନିଯୁକ୍ତ କରିଛି । ଯଦି ଚୀନ ତିବତକୁ ଅଧିକାର କରି ନେବ ତେବେ ଭାରତର ସୀମାକୁ ଜଗିବାକୁ ଲକ୍ଷ ଲକ୍ଷ ସୈନିକ ମୂତୟନ କରିବାକୁ ପଡିବ, ଯାହା ଭାରତ ପାଇଁ ଖୁବ ମହଙ୍ଗା ହେବ । ତେଣୁ ଭାରତ ଚୀନ ସହ ବର୍ତ୍ତମାନର ମୈତ୍ରୀ ସମ୍ବନ୍ଧ କଥା ଛାଡି ଭବିଷ୍ୟତର କଥା ଚିନ୍ତା କରନ୍ତୁ । "

କିନ୍ତୁ ସେତେବେଳେ ନେହେରୁଙ୍କୁ କେବଳ ଚୀନ ଦେଖା ଯାଉଥିଲା, ତିବତ ନୁହେଁ। ସେ ତିବତର ପ୍ରତିନିଧି ଦଳକୁ ଚୀନ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ପକ୍ଷରେ ତିବତ ସରକାର ଦ୍ୱାରା ପଠା ଯାଇଥିବା ପ୍ରତିନିଧିଦଳ ଗୁଡିକ ବିଦେଶୀ ସରକାରଙ୍କ ସହ ସମ୍ପର୍କ ସ୍ଥାପିତ କରି ପାରୁ ନ ଥିଲେ । ଆମେରିକା ଓ ଇଂଲଣ୍ଡ ତ ପ୍ରତିନିଧି ଦଳ ଗୁଡିକୁ ଭିସା ଦେବାକୁ ପ୍ରସ୍ତୁତ ନ ଥିଲେ।

ଏହା ପରେ ଚୀନ ତିବତ ଉପରେ ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା । ଚୀନର ପିପୁଲ୍ସ ଲିବରେସନ ଆର୍ମୀର ୪୦ ହଜାର ସୈନିକ ତିବତର ଚାମଦୋ ଉପରେ ଆକ୍ରମଣ କଲେ ଓ ଚାମଦୋ ଚୀନ କବଳକୁ ଚାଲିଗଲା । ଆଦେଶ ମିଳିବା ମାତ୍ରେ ଚୀନ ସେନା କୌଣସି ସମୟରେ ଲାହାସା ଯାଇ ପାରି ଥାନ୍ତେ । ଚୀନ ସେନା ୟାଙ୍ଗଛେ ନଦୀ ପାର କରି ଥିଲା ଓ ଏ ପ୍ରକାର ଖମ ଉପରେ ଚୀନର ଆକ୍ରମଣ ଆରମ୍ଭ ହେଲା । ଚାରି ଆଡୁ ନିରାଶ ହେବା ପରେ ଲାହାସା ପକ୍ଷରୁ ନଗାବୋଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ବେଜିଂକୁ କଥାବାର୍ତ୍ତା ପାଇଁ ପଠା ଗଲା । ଚୀନ ଏହି ପ୍ରତିନିଧିଦଳ ଅପେକ୍ଷା କରିଥିଲା । ତିବତ ସରକାର ଚୀନର ଉଦ୍ଦେଶ୍ୟ ନେଇ ସ୍ପଷ୍ଟ ଥିଲା । ଦଲାଇଲାମା ଓ ତାଙ୍କର ମନ୍ତ୍ରିମଣ୍ଡଳ ଲାହାସା ଛାଡି ଭାରତୀୟ ସୀମା ପାଖରେ ଦ୍ରାମୋ ନିକଟରେ ପହଂଚି ସାରିଥିଲେ । ଭବିଷ୍ୟତର ରାସ୍ତା ଅସ୍ପଷ୍ଟ ଥିଲା। ବେଜିଂ ତିବତର ଏହି ପ୍ରତିନିଧି ମଣ୍ଡଳକୁ ବିଭିନ୍ନ କଥାରେ ଫସାଇ ରଖିଥିଲା । ଅନେକ ଦିନ ଯାଏ କଥାବାର୍ତ୍ତା ଚାଲିଲା । ଚୀନ ସରକାର ତିବତର ଏହି ପ୍ରତିନିଧି ଦଳକୁ ସ୍ପଷ୍ଟ କରି ଦେଲା ଯେ ଯଦି ସେମାନେ ଚୁକ୍ତିରେ ସ୍ୱାକ୍ଷର ନ କରନ୍ତି ତେବେ ଚୀନ ସେନା ତିବତ ଉପରେ ଆକ୍ରମଣ କରି ଦେବ । ଏ ପ୍ରକାର ବାତାବରଣରେ ଚୀନ ତିବତର ପ୍ରତିନିଧି ଦଳକୁ ୧୭ ସୂତ୍ରୀ ଚୁକ୍ତିରେ ହସ୍ତାକ୍ଷର କରିବାକୁ ବାଧ୍ୟ କରିଥିଲା । ଏହି ଚୁକ୍ତିରେ ଅନ୍ୟ କଥା ମାନ ଲେଖାଥିଲା ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହାର ଉଲ୍ଲେଖ ତାହା ହେଉଛି – ତିବତ ଚୀନର ଅଂଶବିଶେଷ ଓ ଚୀନ ସେନା ତିବତର ସୀମାର ରକ୍ଷା କରିବ । ତେବେ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ତିବତର ପ୍ରତିନିଧି ମାନେ ଏହି ପ୍ରସଙ୍ଗରେ କୌଣସି ନିଷ୍ପତି ନେବା ଓ ହସ୍ତାକ୍ଷର କରିବା ପାଇଁ ପ୍ରାଧିକୃତ ନ ଥିଲେ । ତେଣୁ ତିବତ ସରକାରଙ୍କ ସିଲ ତାଙ୍କ ନିକଟରେ ନ ଥିଲା । ସେମାନଙ୍କୁ ନିଜ ନିଜର ବ୍ୟକ୍ତିଗତ ସିଲ ହସ୍ତାକ୍ଷର ପରେ ଲଗାଇବାକୁ ବାଧ୍ୟ କରାଗଲା । ସେମାନେ ଚୀନ ସରକାରଙ୍କୁ କହିଥିଲେ ଯେ ସେମାନେ ବ୍ୟକ୍ତିଗତ କାପାସିଟିରେ ଏଥିରେ ହସ୍ତାକ୍ଷର କରୁଛନ୍ତି । ଏଥିରେ କେବଳ ତାଙ୍କର ଦେଶର ମୁଖ୍ୟ ଦଲାଇଲାମା ହିଁ ହସ୍ତାକ୍ଷର କରି ପାରିବେ ।

ଏହା ପରେ ତିବତ ସରକାର ଜାତିସଂଘରେ ଏକ ଅପିଲ ଦାୟର କରିଥିଲେ । ଏଥିରେ କୁହା ଯାଇଥିଲା ଯେ " ସାମ୍ୟବାଦୀ ଚୀନ ବଳପୂର୍ବକ ତିବତକୁ ଚୀନରେ ମିଶାଇବାକୁ ସଶସ୍ତ୍ର ଆକ୍ରମଣ କରିଛି । .... ତେଣୁ ଆମେ ଜାତିସଂଘ ନିକଟରେ ପ୍ରାର୍ଥନା କରୁଛୁ ଯେ ତିବତ ଉପରେ ଅତିକ୍ରମଣକୁ ରୋକିବାକୁ ଆମର ପକ୍ଷ ନିଅନ୍ତୁ । " ଜାତିସଂଘରେ ଏହା ଉପରେ ଆଲୋଚନା ବେଳେ ଭାରତୀୟ ପ୍ରତିନିଧିଙ୍କର ବକ୍ତବ୍ୟ ଅଜବ ଥିଲା । ଭାରତୀୟ ପ୍ରତିନିଧି କହିଲେ – ଭାରତ ସରକାର ବିଶ୍ୱାସ କରନ୍ତି ଯେ ତିବତର ପ୍ରଶର ସମାଧାନ ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ଭାବେ କରାଯାଇ ପାରିବ । ଏହା ପରେ ଆମେରିକାର ପ୍ରତିନିଧି କହିଥିଲେ ଯେ – ଯଦି ଭାରତ ଯାହାର ସୀମା ତିବତ ସହ ମିଶିଛି, ଯିଏ ଏକ ପ୍ରଭାବିତ ପକ୍ଷ, ସେ କହୁଛି ଶାନ୍ତିପୂର୍ଣ୍ଣ ଭାବେ ସମାଧାନ ହୋଇ ପାରିବ ତେବେ ଏହି ବିଷୟରେ ଆଲୋଚନା ବନ୍ଦ କରି ଦେବା ଉଚିତ । ଫଳରେ ଜାତିସଂଘରେ ତିବତ ପ୍ରସଙ୍ଗକୁ ନେଇ ଆଲୋଚନା ବନ୍ଦ ହୋଇ ଯାଇଥିଲା । ଏପରି ଭାବେ ଭାରତ ନିଜର ବକ୍ତବ୍ୟ ଜରିଆରେ ତିବତ ପ୍ରସଙ୍ଗ ଉପରେ ଜାତିସଂଘରେ ଚର୍ଚ୍ଚାକୁ ବନ୍ଦ କରି ଦେଇଥିଲା । ଦଲାଇଲାମାଙ୍କ ଠାରୁ ଆରମ୍ଭ କରି ବିଶ୍ୱର ସମସ୍ତ ଐତିହାସିକ ମାନେ ସ୍ପଷ୍ଟ ରୂପେ କହନ୍ତି ଏହି ଚୁକ୍ତି ବନ୍ଧୁକ ମୂନରେ କରା ଯାଇଥିଲା । ଭିଏନା କନଭେନସନ ଅନୁସାରେ ଓ ଆନ୍ତର୍ଜାତିକ ନିୟମ ଅନୁସାରେ କୌଣସି ଚୁକ୍ତି ଯାହା ବଳପୂର୍ବକ କରା ଯାଇଛି ତାହା ମାନ୍ୟ ନୁହେଁ । ତିବତ ସରକାର କିମ୍ବା ଦଲାଇଲାମା ଏହି ଚୁକ୍ତିକୁ କେବେ ହେଲେ ମାନ୍ୟତା ଦେଇ ନାହାନ୍ତି । ତେଣୁ ଏହି ଚୁକ୍ତି ଆଇନତଃ ଅସିଦ୍ଧ । ତେବେ ଜୋର ଯାର ମୂଲକ ତାର ନୀତିରେ ବିଶ୍ୱ ରାଜନୀତି ଚଳେ । ତେଣୁ ଏହା ପରେ ଚୀନ ସମ୍ପୂର୍ଣ୍ଣ ତିବତ ଉପରେ ସେନା ପଠାଇ ଏହାକୁ ସମ୍ପୂର୍ଣ୍ଣ ଅଧିକାର କରିବା ସହ ତିବତକୁ ତାର ଉପନିବେଶ ଭାବେ ପରିଣତ କରି ଦେଲା । ବନ୍ଧୁକ ମୂନରେ ହୋଇଥିବା ଏହି ଚୁକ୍ତିକୁ ୭୦ ବର୍ଷ ବିତି ଗଲାଣି । ଏହା ପରେ ସେ ତିବତୀୟଙ୍କ ଧର୍ମ, ସଂସ୍କୃତି, ପରମ୍ପରାକୁ ନଷ୍ଟ କରିବା ସହ ସେଠାରେ ହାନ ଜାତିର ଲୋକଙ୍କୁ ଆଣି ରଖିବା ଓ ତିବତୀୟ ମାନଙ୍କୁ ସେମାନଙ୍କ ମାଟିରେ ସଂଖ୍ୟାଲଘୁ କରିବାର ବଡ ଯୋଜନାରେ କାର୍ଯ୍ୟ ଆରମ୍ଭ କରିଥିଲା ଓ ବର୍ତ୍ତମାନ ମଧ୍ୟ ଜାରୀ ରହିଛି । ଚୀନର ଏହି ପାଶବିକତା ସତ୍ୱେ ତିବତର ଲୋକ ମାନଙ୍କ ମନରେ ସ୍ୱାଧୀନତାର ବହ୍ନି ଲିଭି ନାହିଁ । ସେମାନେ ଏବେ ମଧ୍ୟ ଚୀନ ବିରୁଦ୍ଧରେ ସଂଗ୍ରାମ କରୁଛନ୍ତି । ତିବତକୁ ଗ୍ରାସ କରିବା ପରେ ଚୀନ ଚୁପ ହୋଇ ବସି ନ ଥିଲା । ପରବର୍ତ୍ତୀ ସମୟରେ ୧୯୬୨ ମସିହାରେ ଭାରତ ଉପରେ ଆକ୍ରମଣ କରିଥିଲା । ଶକପା ପଣ୍ଡିତ ନେହେରୁଙ୍କୁ କହିଥିବା କଥା ସତ୍ୟରେ ପରିଣତ ହେଉଥିଲା । ବର୍ତ୍ତମାନ ମଧ୍ୟ ଗଲବାନରେ ଘାଟି ହେଉ ବା ଡୋକଲାମରେ ହେଉ ଚୀନ ତାର ବିସ୍ତାରବାଦୀ ନୀତି ଜାରୀ ରଖିଛି । ତେବେ ଗୋଟିଏ କଥା ମନେ ରଖିବାକୁ ହେବ । ଭାରତର ଭୁଲ କାରଣରୁ ତିବତ ଚୀନ କବଳକୁ ଯାଇଛି । ତେଣୁ ଭାରତ କରିଥିବା ପାପର ପ୍ରାୟଶ୍ଚିତ ଭାରତକୁ ହିଁ କରିବାକୁ ହେବ ।

# ଦାକ୍ଷିଣାତ୍ୟର ଦ୍ୱାରକା-ଗୁରୁବାୟୁର



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ତୀର୍ଥାଟନ ମନରେ ଆଧ୍ୟାତ୍ମିକଭାବ ଉଦ୍ରେକ କରିବା ସହିତ ଅବସର ବିନୋଦନର ମଧ୍ୟ ସୁଯୋଗ ଦେଇଥାଏ । ଏହି ଭାବ ନେଇ ମୁଁ ଏବଂ ମୋର ସ୍ୱାମୀ ଶ୍ରୀ କୁଞ୍ଜବିହାରୀ ଜେନା ଦକ୍ଷିଣ ଭାରତର ଦ୍ୱାରକା ଭାବରେ ପରିଚିତ ଗୁରୁବାୟୁର ଯାତ୍ରା କରିଥିଲୁ । ଏହି ସହରଟି କେରଳ ରାଜ୍ୟର ତ୍ରିଚୁର ଜିଲ୍ଲାରେ ଏବଂ କୋଚି ଠାରୁ ୨୫ କିମି ଦୂରରେ ଅବସ୍ଥିତ ଏକ ରମଣୀୟ ତଥା ପବିତ୍ର ସ୍ଥାନ । ଏହି ସ୍ଥାନର ନାମ ଗୁରୁବାୟୁର ହେବାର କାରଣ ଏଠାରେ ଭଗବାନ ମହାବିଷ୍ଣୁଙ୍କ ଆରାଧ୍ୟ ମୂର୍ତ୍ତି 'ଗୁରୁବାୟୁରାପ୍ପନ' ପୂଜା ପାଆନ୍ତି । ସୁନ୍ଦର, ସୁବାସିତ ତୁଳସୀ ଗଜରା ଓ ମୋତି ମାଳୀରେ ସୁସଜ୍ଜିତ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁଙ୍କୁ ମନ୍ଦିର ମଧ୍ୟରେ ଦର୍ଶନ କଲେ ଜନ୍ମଜନ୍ମାନ୍ତରର ପାପକ୍ଷୟ ହୁଏ ବୋଲି କଥିତ ଅଛି । ଗୁରୁବାୟୁରାପ୍ପନ ଏଠାକୁ କିପରି ଆସିଲେ ସେ ବିଷୟରେ ଏକ ସୁନ୍ଦର କିମ୍ବଦନ୍ତୀ ଅଛି । ଗୁରୁବାୟୁରାପ୍ପନଙ୍କ ମୂର୍ତ୍ତିଟି ସ୍ୱୟଂ ନାରାୟଣଙ୍କ ଦ୍ୱାରା ପ୍ରଥମେ ପୂଜିତ ହୋଇଥିଲା । ପରେ ସେ ଏହି ମୂର୍ତ୍ତିକୁ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ । କଥିତ ଅଛି ଯେ ଏହି ଦେବତାଙ୍କ କରୁଣାରୁ ବ୍ରହ୍ମା ସୃଷ୍ଟି ପ୍ରକ୍ରିୟା ଆରମ୍ଭ କରିପାରିଥିଲେ । ପୁରାଣ ଯୁଗରେ ନିଃସନ୍ତାନ ଦମ୍ପତି ସୁତପା ଓ ପ୍ରିଷ୍ଣା ଏକ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ବ୍ରହ୍ମାଙ୍କୁ ଆରାଧନା କରିଥିଲେ । ବ୍ରହ୍ମା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନାରାୟଣଙ୍କର ଏହି ମୂର୍ତ୍ତିଟି ଦେଇଥିଲେ ଏବଂ ଭକ୍ତିର ସହିତ ପୂଜାକଲେ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି କହିଥିଲେ । ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାବିଷ୍ଣୁ ଆଶୀର୍ବାଦ ପ୍ରଦାନ କରିଥିଲେ ଯେ ସେ ନିଜେ ସେମାନଙ୍କର ପୁତ୍ର ହୋଇ ତିନିଥର ଜନ୍ମ ନେବେ ଏବଂ ସେମାନେ ଏହି ପବିତ୍ର ମୂର୍ତ୍ତିକୁ ଆଗାମୀ ତିନି ଜନ୍ମପାଇଁ ପୂଜା କରିବାର ସୁଯୋଗ ପାଇବେ । ପ୍ରଥମେ ସୁତପା ଓ ପ୍ରିଷ୍ଣାଙ୍କଠାରୁ ପ୍ରିସିଗର୍ଭା ରୂପରେ ଦ୍ୱିତୀୟରେ କାଶ୍ୟପ ଓ ଅଦିତୀଙ୍କଠାରୁ ବାମନ ରୂପରେ ଓ ଶେଷରେ ଦେବକୀ ଓ ବସୁଦେବଙ୍କ ଠାରୁ ଶ୍ରୀକୃଷ୍ଣ ରୂପରେ ଜନ୍ମଗ୍ରହଣ କରିଥିଲେ । କଂସର ନିଧନ ପରେ ଶ୍ରୀକୃଷ୍ଣ ଦ୍ୱାରକା ନଗରୀ ପ୍ରତିଷ୍ଠା କଲାପରେ ସେଠାରେ ଏକ ମନ୍ଦିର ନିର୍ମାଣ କରାଇ ମୂର୍ତ୍ତିଟିକୁ ସ୍ଥାପନ କରିଥିଲେ । ସେହି ମୂର୍ତ୍ତିକୁ ବସୁଦେବ ଓ ଦେବକୀ ଆରାଧନା କରୁଥିଲେ । ଦ୍ୱାପରଯୁଗର ଶେଷରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଡାକି କହିଲେ ଯେ, କୃଷ୍ଣ ଅବତାରର ସମସ୍ତ ଉଦ୍ଦେଶ୍ୟ ବା ସଂକଳ୍ପ ପୂର୍ଣ୍ଣ ହୋଇଛି । ତେଣୁ ସେ ଶୀଘ୍ର ବୈକୁଣ୍ଠକୁ ଚାଲିଯିବେ । ଏହା ଶୁଣି ଉଦ୍ଧବ ଅତି ଶୋକାତୁର ହୋଇପଡ଼ିଲେ । କାରଣ କଳିଯୁଗରେ ଭଗବାନଙ୍କ ଅବତାରକୁ ଛାଡ଼ି ଏ ସୃଷ୍ଟି କିପରି ତିଷ୍ଠିବ ! ସେହି ବିଷୟରେ ସେ ଚିନ୍ତିତ ହୋଇପଡ଼ିଲେ । ଉଦ୍ଧବଙ୍କୁ ଭଗବାନ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେଇ କହିଥିଲେ ଯେ ଏହି ଗୁରୁବାୟୁର ମୂର୍ତ୍ତିରେ ସେ ଆତ୍ମପ୍ରକାଶ କରିବେ ଓ ତାଙ୍କର ଭକ୍ତମାନଙ୍କୁ ଆଶୀର୍ବାଦ ଦେବେ । ସେ ଉଦ୍ଧବଙ୍କୁ କହିଲେ ଯେ, ଅଦୂର ଭବିଷ୍ୟତରେ ପ୍ରଳୟ ହେବ ଏବଂ ଉକ୍ତ ସମୟରେ ସେ ପବିତ୍ର ବିଗ୍ରହକୁ ଯେପରି ରକ୍ଷାକରିବେ ଏବଂ ଦେବତା ମାନଙ୍କ ଗୁରୁ ବୃହସ୍ପତିଙ୍କ ସହାୟତାରେ ଏକ ପବିତ୍ରସ୍ଥାନ ନିରୂପଣ କରି ବିଗ୍ରହଙ୍କ ପ୍ରତିଷ୍ଠା କରିବେ । ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଳୟ କାଳରେ ବୃହସ୍ପତି ବାୟୁଦେବତାଙ୍କ ସହ ଦ୍ୱାରକା ଯାଇ ସମୁଦ୍ର ଢ଼େଉରେ ଭାସମାନ ଅବସ୍ଥାରେ ଏହି ମୂର୍ତ୍ତିକୁ ଉଦ୍ଧାର କରି ଏକ ପବିତ୍ର ସ୍ଥାନର ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ଦାକ୍ଷିଣାତ୍ୟରେ ଏକ ପଦ୍ମଭରା ହ୍ରଦ ପାଖରେ ଯାଇ ପହଞ୍ଚିଲେ । ସେଠାରେ ଶିବ-ପାର୍ବତୀ ଉପସ୍ଥିତ ଥିଲେ । ଶିବ କହିଲେ, ସେହି ସ୍ଥାନଟି ବହୁଦିନରୁ ନାରାୟଣଙ୍କୁ ସ୍ଥାପନ କରିବା ଲାଗି ନିରୂପିତ ହୋଇ ରହିଛି । ତେଣୁ ବୃହସ୍ପତି ଓ ବାୟୁ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ଏବଂ ବିଗ୍ରହ ପ୍ରତିଷ୍ଠା ପାଇଁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଲେ । ଏହିପରି ଭାବେ ବିଶ୍ୱକର୍ମାଙ୍କ ଦ୍ୱାରା ଭଗବାନଙ୍କ ଇଚ୍ଛା ପୂରଣ ହେଲା । ଗୁରୁ ବୃହସ୍ପତି ଓ ବାୟୁ ଦେବତାଙ୍କ ନାମ ଅନୁସାରେ ଉକ୍ତ ସ୍ଥାନର ନାମ ଗୁରୁବାୟୁରପୁର ହୋଇଥିଲା, ଯାହା ପରେ ସଂକ୍ଷେପରେ ଗୁରୁବାୟୁର ହୋଇଅଛି ଏବଂ ଉକ୍ତ ଦିବ୍ୟ ମୂର୍ତ୍ତି ଗୁରୁବାୟୁରପ୍ପନ ନାମରେ ପରିଚିତ ଅଟନ୍ତି । ଏହାପରେ ଶିବପାର୍ବତୀ ହ୍ରଦର ଆରପାର୍ଶ୍ୱକୁ ଚାଲିଗଲେ । ସେହି ସ୍ଥାନ ମାମିୟୁର ନାମରେ ପରିଚିତ । ଗୁରୁବାୟୁର ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଶିବପାର୍ବତୀ ମନ୍ଦିର ଅବସ୍ଥିତ । କଥିତ ଅଛି ଯେ, ମାମିୟୁର ଯାଇ ଶିବପାର୍ବତୀଙ୍କୁ ଦର୍ଶନ ନକଲେ ଗୁରୁବାୟୁର ଦର୍ଶନପୂର୍ଣ୍ଣ ହୁଏ ନାହିଁ । ନାରଦ ପୁରାଣରେ ମଧ୍ୟ ଗୁରୁବାୟୁଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ନାଗରାଜା ତକ୍ଷକଙ୍କ ଦଂଶନରେ ମହାରାଜା ପରୀକ୍ଷିତଙ୍କର ମୃତ୍ୟୁ ହେବାପରେ ତାଙ୍କ ପୁତ୍ର ଜନ୍ମେଜୟ ସର୍ପଯଜ୍ଞର ଅନୁଷ୍ଠାନ କରିଥିଲେ । ଏଥିରେ ହଜାର ହଜାର ନିରୀହସର୍ପ ମୃତ୍ୟୁବରଣ କରିଥିଲେ । ସେମାନଙ୍କର ଅଭିଶାପ ଫଳରେ ଜନ୍ମେଜୟ କୁଷ୍ଠରୋଗରେ ପୀଡ଼ିତ ହେଲେ । ତାଙ୍କର କଷ୍ଟ ଦେଖି ଋଷି ଦତ୍ତାତ୍ରେୟ ଗୁରୁବାୟୁର ଯାଇ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ । ଜନ୍ମେଜୟ ଋଷିଙ୍କ ଆଦେଶ ଅନୁସାରେ ଚାରିମାସ ଧରି କଠୋର ତପସ୍ୟା କଲେ । ପ୍ରତିଦିନ ରାତିରେ ମାମିୟୁର ଏବଂ ଦିନରେ ଗୁରୁବାୟୁର ଯାଇ ପ୍ରଭୁଙ୍କୁ ଦର୍ଶନ କଲେ । ଦିନେ ରାତିରେ ଶୋଇଥିବା ଅବସ୍ଥାରେ ପ୍ରଭୁଙ୍କ ସ୍ପର୍ଶ ଅନୁଭବ କଲେ ଏବଂ ତା'ପରେ କୋଷ୍ଠ ରୋଗର ଯନ୍ତ୍ରଣାରୁ ମୁକ୍ତି ପାଇଲେ । ପୁରାଣ ଅନୁସାରେ ଗୁରୁବାୟୁରପ୍ପାନଙ୍କ ମୂର୍ତ୍ତି ୫୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଏବଂ ବହୁ ଶାସ୍ତ୍ରପୁରାଣରେ ଏହା ବର୍ଣ୍ଣିତ । କିନ୍ତୁ ଇତିହାସ ପୃଷ୍ଠାରେ ୧୬୩୮ ମସିହାରେ ଡଚ୍‌ମାନେ ମନ୍ଦିରର ସୁନାରୂପା ଚୋରି କରିନେଇ ମନ୍ଦିରରେ ନିଆଁ ଲଗାଇ ଦେଇଥିଲେ । ୧୭୪୭ ଖ୍ରୀଷ୍ଟାବ୍ଦରେ ଏହାକୁ ପୁନଃ ନିର୍ମାଣ କରାଯାଇଥିଲା । ୧୭୬୬ ମସିହାରେ ହାଇଦର ଅଲ୍ଲୀ ଏହାକୁ ଆକ୍ରମଣ କରିଥିଲେ ମଧ୍ୟ ୧୦,୦୦୦ ସ୍ୱର୍ଣ୍ଣ ମୁଦ୍ରା ନେଇ ମନ୍ଦିରର କୌଣସି କ୍ଷତି କରିନଥିଲେ । କିନ୍ତୁ ୧୭୮୯ରେ ତାଙ୍କ ପୁଅ ଟିପୁସୁଲତାନଙ୍କ କୋପଦୃଷ୍ଟି ପଡ଼ିଥିଲା । ଏହା ଜଣାପଡ଼ିବା ପରେ ମୂଳ ବିଗ୍ରହକୁ ଲୁଚାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ଅନ୍ୟ ଏକ ପ୍ରତିମା ରଖାଯାଇଥିଲା । ଟିପୁ ସୁଲତାନ ଆକ୍ରମଣ କରି ମନ୍ଦିରର ସମସ୍ତ ମୂଲ୍ୟବାନ ପଦାର୍ଥ ନେଇଯାଇଥିଲେ । ଈଶ୍ୱରଙ୍କ ଅପାର କୃପାରୁ ସେହି ସମୟରେ ଅଦିନିଆ ବର୍ଷା ହୋଇ ତାହା ଧ୍ୱଂସମୁଖରୁ ରକ୍ଷା ପାଇଯାଇଥିଲା । ପରବର୍ତ୍ତୀ ସମୟରେ କେରଳର ବହୁ ଧନୀକ ଭକ୍ତଙ୍କ ଅକୁଣ୍ଠିତ ଦାନରେ ଏହାର ପୁନଃନିର୍ମାଣ କରାଇ ମୂଳବିଗ୍ରହଙ୍କର ପୁନଃ ପ୍ରତିଷ୍ଠା କରାଯାଇଥିଲା । ବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ହୋଇ ଏହା ଏକ ସୁସଜ୍ଜିତ ସୁନ୍ଦର ଆଧ୍ୟାତ୍ମିକ ପୀଠରେ ପରିଣତ ହୋଇଥିଲା । ୧୯୭୦ ମସିହା ନଭେମ୍ବର ମାସ ୩୦ ତାରିଖରେ ଏହି ମନ୍ଦିରରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବହୁ ଲୋକଙ୍କ ସମ୍ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା । ଦୀର୍ଘ ୫ଘଣ୍ଟା ଧରି ପ୍ରବଳ ଅଗ୍ନିଦ୍ୱାରା ଉତ୍ପୀଡ଼ିତ ହୋଇ ମଧ୍ୟ ମନ୍ଦିରରେ ଥିବା ଗୁରୁବାୟୁରାପ୍ପାନ, ଶ୍ରୀଗଣେଶ, ଆୟାପ୍ପା ଏବଂ ଦେବୀ ମାନଙ୍କ ବିଗ୍ରହ ଓ ମନ୍ଦିରର ଧ୍ୱଜାର କୌଣସି କ୍ଷତି ହୋଇନଥିଲା । ଏଥିରୁ ପ୍ରଭୁଙ୍କ ମହିମାର ପରିଚୟ ମିଳେ । କେରଳର ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଏକ କାଷ୍ଠନିର୍ମିତ ସୁଦୃଶ୍ୟ ମନ୍ଦିର । ଏହା ପୂର୍ବମୁଖୀ ଏବଂ ଏହାର ଦୁଇପାର୍ଶ୍ୱରେ ଦୁଇଟି ଗୋପୁରମ୍ ଅବସ୍ଥିତ । ପୂର୍ବ ଗୋପୁରମ୍ ଭୂଲୋକ ଓ ପଶ୍ଚିମ ଗୋପୁରମ୍ ବୈକୁଣ୍ଠ ନାମରେ ପରିଚିତ । ମନ୍ଦିରର ଚାରୁକଳା ଅତୀବ ମନୋରମ । ଏଥିରେ ଦକ୍ଷିଣ ଭାରତର କଳାଚାତୁରୀ ପ୍ରତିଟି ସ୍ଥାନରେ ପରିସ୍ଫୁଟ । ଗର୍ଭଗୃହ ମଧ୍ୟରେ ବିଗ୍ରହ ବିରାଜିତ । ଗର୍ଭଗୃହ ସମ୍ମୁଖରେ ୨୪ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ଦୀପସ୍ତମ୍ଭ ଅଛି ।

-ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮

# ଶିକ୍ଷକଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦିଅ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ମହାମାରୀ କରୋନା ସଂକ୍ରମଣରେ ଯଦି କୌଣସି କ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥାଏ, ତାହା ହେଉଛି ଶିକ୍ଷାକ୍ଷେତ୍ର । ମହାମାରୀ ଯୋଗୁଁ କେବଳ ଶିକ୍ଷାଦାନ ବିପର୍ଯ୍ୟାସ୍ତ ହୋଇନାହିଁ, ହଜାର ହଜାର ଶିକ୍ଷକ କରୋନାରେ ଆକ୍ରାନ୍ତ ହୋଇ ଅକାଳରେ ପ୍ରାଣ ହରାଇଲେଣି । ଏବେ ଦେଶରେ କ୍ଷିପ୍ର ଗତିରେ ବ୍ୟାପୁଥିବା ମହାମାରୀର ଦ୍ୱିତୀୟ ଲହରରେ ଶିକ୍ଷକ ସଂପ୍ରଦାୟ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟମାନ ପ୍ରକାଶିତ ହୋଇଛି । ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ପରି ବହୁ ବିଶ୍ୱବିଦ୍ୟାଳୟ ଓ ଖ୍ୟାତନାମା ଶିକ୍ଷାନୁଷ୍ଠାନରେ ଶିକ୍ଷକ ମୃତ୍ୟୁ ନେଇ କରୁଣ ପରିସ୍ଥିତି ସୃଷ୍ଟି ହୋଇଛି । ବହୁ ଖ୍ୟାତନାମା ପ୍ରଫେସରଙ୍କ ସମେତ କନିଷ୍ଠ ଅଧ୍ୟାପକ, କର୍ମଚାରୀ କରୋନାରେ ଅକାଳରେ ଜୀବନ ଦୀନ ଲିଭିଯାଇଛି । ଦିଲ୍ଲୀରେ ମଧ୍ୟ ବହୁ ଶିକ୍ଷକଙ୍କର କରୋନା ଜୀବନ ନେଇଗଲାଣି । ମହାମରୀ ସମୟରେ ସ୍କୁଲ, କଲେଜ ଛୁଟି ଥିବାବେଳେ ଶିକ୍ଷକମାନଙ୍କ ଅଣଶିକ୍ଷାଦାନ କ୍ଷେତ୍ରରେ ନିୟୋଜିତ କରାଯାଇଛି । କହିବା ବାହୁଲ୍ୟ ଯେ, ଶିକ୍ଷାଦାନ କ୍ଷେତ୍ର ବ୍ୟତୀତ ବିଭିନ୍ନ ଅଣଶିକ୍ଷା କ୍ଷେତ୍ର ତଥା ସରକାରୀ କାର୍ଯ୍ୟକ୍ରମରେ ଶିକ୍ଷକମାନେ ଗୁରୁଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ଭୋଟର ତାଲିକା ସଂଶୋଧନ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଅର୍ଥନୈତିକ କାର୍ଯ୍ୟକ୍ରମ ସର୍ଭେ ଆଦି କାର୍ଯ୍ୟ ଶିକ୍ଷକମାନେ ଘର ଘର ବୁଲି କରିଥାନ୍ତି । ନିକଟରେ ଉତରପ୍ରଦେଶରେ ପଂଚାୟତ ନିର୍ବାଚନରେ ନିୟୋଜିତ ହୋଇଥିବା ଶିକ୍ଷକଙ୍କ ମଧ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କର କରୋନାରରେ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି । କେବଳ ଉତର ପ୍ରଦେଶ ନୁହେଁ, ନିକଟରେ ଶେଷ ହୋଇଥିବା ଚାରିଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ବିଧାନସଭା ନିର୍ବାଚନରେ ଭୋଟ ଗ୍ରହଣ କାର୍ଯ୍ୟାରେ ନିୟୋଜିତ ବହୁ କର୍ମଚାରୀଙ୍କର କରୋନାରେ ମୃତ୍ୟୁ ଘଟିଛି । ଯେଉଁମାନଙ୍କ ମଧ୍ୟରେ ବହୁ ଶିକ୍ଷକ ଥିବା କୁହାଯାଉଛି । ଆମ ରାଜ୍ୟରେ ମଧ୍ୟ ମହାମାରୀରେ ଆକ୍ରାନ୍ତ ହୋଇ ବର୍ଷକ ମଧ୍ୟରେ ଶତାଧିକ ଶିକ୍ଷକଙ୍କର ଅକାଳ ବିୟୋଗ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି । ତେବେ ଜଣେ ଶିକ୍ଷକଙ୍କର ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ କ୍ଷତି ନୁହେଁ, ଛାତ୍ର ସମାଜ, ଦେଶ ଓ ଜାତି ପାଇଁ ଅପୂରଣୀୟ କ୍ଷତି, ଏକ ବିପର୍ଯ୍ୟାୟ ବୋଲି ନିସନ୍ଦେହରେ କୁହାଯାଇପାରିବ । ଶିକ୍ଷକ ସଂପ୍ରଦାୟକୁ ଆଗଧାଡିର କରୋନା ଯୋଦ୍ଧର ମାନ୍ୟତା ପ୍ରଦାନ ପାଇଁ ଏବେ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ଦାବି ଯୋର ଧରିଲାଣି । କେରଳ ସରକାର ବହୁ ପୂର୍ବରୁ ଶିକ୍ଷକଙ୍କୁ ଆଗଧାଡିର କରୋନା ଯୋଦ୍ଧା ମାନ୍ୟତା ଦେଇଥିବାବେଳେ ନିକଟରେ କର୍ଣ୍ଣାଟକ ସରକାର ମଧ୍ୟ ଶିକ୍ଷକଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି । ଆମ ରାଜ୍ୟରେ ଥିବା ବିଭିନ୍ନ ଶିକ୍ଷକ ସଂଗଠନ ତଥା ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ ପର୍ଯ୍ୟନ୍ତ ସମସ୍ତେ ଶିକ୍ଷକ ସଂପ୍ରଦାୟକୁ କରୋନା ଯୋଦ୍ଧା ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, କରୋନାର ପ୍ରଥମ ଲହର ସମୟରେ ଗତବର୍ଷ ଗଞ୍ଜାମ ଜିଲ୍ଲାରେ ଜଣେ ଯୁବ ଶିକ୍ଷକ ମହାମାରୀର ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରୁଥିବା ବେଳେ ନିଜେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ସେ କେବଳ ଏକା ନୁହଁନ୍ତି, ତାଙ୍କ ପିତା-ମାତା ମଧ୍ୟ କରୋନାରେ ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ । ଛାତ୍ରର ଭବିଷ୍ୟତ ଏବଂ ଦେଶ ଗଠନରେ ନିଜକୁ ନିୟୋଜିତ କରିଥିବା ଶିକ୍ଷକ ସଂପ୍ରଦାୟକୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ଦଳମତ ନିର୍ବିଶେଷରେ ବହୁ ବିଧାୟକ, ସାଂସଦ ଏବଂ ୟୁନସ୍କୋଂ ପରି ଆନ୍ତର୍ଜାତିକ ସଂସ୍ଥା ମଧ୍ୟ ଦାବି କଲେଣି । ଯାହା ଯଥାର୍ଥ ବୋଲି କହିଲେ ହୁଏତ ଭୁଲ ହେବ ନାହିଁ । ଆହୁରି ମଧ୍ୟ କରୋନା ସମୟରେ ଶିକ୍ଷାନୁଷ୍ଠାନଗୁଡିକ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିବା ଯୋଗୁଁ ବହୁ ଛୋଟ ଛୋଟ ଘରୋଇ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ହୋଇଥିବା ହୁଏତ କାହାରିକୁ ଅଛପା ନାହିଁ । ବହୁ ଶିକ୍ଷକ ଚାକିରୀ ହରାଇବା ସହ ରୋଜଗାର ହରାଇଛନ୍ତି । ଏବେ ଦେଶରେ ଦ୍ୱିତୀୟ ଏହର ଉଗ୍ରରୂପ ଧାରଣ କରିଥିବା ବେଳେ ଆହୁରି ଭୟଙ୍କର ରୂପ ନେଇ ତୃତୀୟ ଲହର ଆସିବା ନେଇ ସ୍ୱାସ୍ଥ୍ୟ ବିଶାରଦମାନେ ଚେତାବନୀ ଦେଇସାରିଲେଣି । ତେଣୁ ମହାମାରୀ କେବେ ଯିବ କହିବା ମୁସ୍କିଲ । ସମାଜରେ ଦେଶପାଇଁ ଶିକ୍ଷକଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତଙ୍କୁ ଅବଗତ ଅଛି ନିଶ୍ଚିତ । କରୋନାରେ ପରଲୋକଗତ ଶିକ୍ଷକଙ୍କ ପରିବାର ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ । ଆହୁରି ମଧ୍ୟ ଶିକ୍ଷକ ସମୁଦାୟକୁ କରୋନା ଯୋଦ୍ଧା ଭାବେ ଘୋଷଣା ଆମେ ଆଶା କରୁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯




# ଭଲ ଦିନ !

ଭଲ ଦିନର ସଜ୍ଞା ବୁଝିନଥିବା ମଣିଷ ଭଲଦିନ କ'ଣ ଜାଣିବେ କାହୁଁ ! ସମସ୍ତେ ବ୍ୟଗ୍ର ଭଲ ଦିନ ଦେଖିବା ପାଇଁ!

କିଂନ୍ତୁ ତାହା ଆସିବ କେବେ ?

ପ୍ରଶ୍ନ ଅନେକ, ଉତ୍ତର ଏକ ! କେବେ ନୁହେଁ !!

ଭଲ ଦିନ ଆସିବ କେବେ ? କେବେହେଲେ ନୁହେଁ ! କାରଣ କ'ଣ ? ଚାଲନ୍ତୁ ବୁଝିବା ! ଗୋଟିଏ ଉଦାହରଣ ବୁଝିବା ଲୋକଙ୍କୁ ଯଥେଷ୍ଟ ହେବ ! ନବୁଝିବା ମଣିଷ କେବେହେଲେ ବୁଝିପାରିବେ ନାହିଁ ! ଜାପାନ ଗୋଟିଏ ବିକଶିତ ରାଷ୍ଟ୍ର ବୋଲି ବିଶ୍ୱ ଦରବାରରେ ସର୍ବତ୍ର ପରିଚିତ ! କାହିଁକି, ସେମାନେ ସାମ୍ୟବାଦକୁ ବିକାଶର ଉତ୍ସ ବୋଲି ବିଶ୍ୱାସ କରନ୍ତ ନାହିଁ, ଜାଣନ୍ତ ! ସାମ୍ୟବାଦ କେମିତି ତଳ ସ୍ତରରୁ ଆରମ୍ଭ ହୁଏ ସେଇଠି, ବୁଝିବା ! କୌଣସି ଗୋଟିଏ ଔଷଧ ଦୋକାନରେ ପ୍ରବଳ ଭିଡ଼ ଥିବାବେଳେ ଅନ୍ୟଜଣେ ଖାଲି ହାତରେ ବସିଥିବା ଦେଖିବାକୁ ମିଳେନାହିଁ ଜାପାନରେ ! କାରଣ ଡାକ୍ତର ଖାନାରୁ କୌଣସି ରୋଗୀର ଔଷଧ ତାଲିକା ବାହାରିବା ପୂର୍ବରୁ କ୍ରମରେ ଔଷଧ ଦୋକାନୀଙ୍କ ସଂଖ୍ୟା ଦିଆଯାଇଥାଏ ଯେଉଁଥିରେ କେବଳ ସେହି ଔଷଧ ଦୋକାନରୁହିଁ ସମ୍ପୃକ୍ତ ରୋଗୀକୁ ଔଷଧ କିଣିନେବା ନିର୍ଦ୍ଦେଶ ରହିଥାଏ । ଗ୍ରାହକ ନିଜ ଇଚ୍ଛାରେ ତାଙ୍କ ପରିଚିତ ଔଷଧ ଦୋକାନରୁ ଔଷଧ କିଣିନେବା ବ୍ୟବସ୍ଥା ନଥାଏ । ଔଷଧ ତାଲିକାରେ ଥିବା ଦୋକାନ ସଂଖ୍ୟା ବ୍ୟତୀତ ଅନ୍ୟ କୌଣସି ଦୋକାନକୁ ଗଲେ ଔଷଧ ଦେବା ପ୍ରତ୍ୟାଖ୍ୟାନ କରାଯାଇଥାଏ ସମ୍ପୃକ୍ତ ଦୋକାନୀଙ୍କ ଦ୍ୱାରା ଯେଉଁଥିରେ ତାଙ୍କର ଦୋକାନ କ୍ରମିକ ସଂଖ୍ୟା ନଥାଏ । ଅର୍ଥାତ ସମସ୍ତଙ୍କୁ ସମାନ ବ୍ୟବସାୟ ବଣ୍ଟନ କଲେ ସମାନ୍ତରାଳ ଭାବେ ଆର୍ଥିକ ଉନ୍ନତି ହେବା ବିଷୟକୁ ଆଖିଆଗରେ ରଖି ଏମିତି କରାଯାଉଥିବା ଏହା ଗୋଟିଏ ଉଦାହରଣ ମାତ୍ର ଯାହା ଆମେ ତର୍ଜମା କଲେ ! ଅନୁରୂପ ପ୍ରାୟତଃ ସମସ୍ତ କ୍ଷେତ୍ରରେ ସେମାନେ ସମାନତାକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ହେତୁ ସେମାନଙ୍କ ସାମାଜିକ, ଆର୍ଥିକ ବିକାଶ ସହିତ ସର୍ବଦିଗ ବିକାଶ ହୋଇ, ସେମାନେ ଆଜି ବିଶ୍ୱ ଦରବାରରେ ଗୋଟିଏ ଉନ୍ନତ ରାଷ୍ଟ୍ର ଭାବେ ପରିଚିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବୀୟ ଅବଚେତନ ଜ୍ଞାନ ଦେଖିବାକୁ ମିଳେ ଜାପାନୀଙ୍କ ପାଖରେ ଯେ, ସେମାନେ କାହାର ଦୟାର ପାତ୍ର ହୁଅନ୍ତ ନାହିଁ ! ଅର୍ଥାତ କାହାର ଦାନ ଗ୍ରହଣ କରିବା ଗୋଟିଏ ନୀଚ ଅନୁଭବ ସୃଷ୍ଟି କରିଥାଏ ସେମାନଙ୍କ ମନରେ ଯାହା ତାହାର ବିପରୀତ ଚିଂନ ଆମ ଦେଶ ଲୋକଙ୍କର ରହିଥିବା କେହି ଅସ୍ୱୀକାର କରିପାରିବେ ନାହିଁ ! ଆମ ଦେଶରେ ଠିକ୍ ତାହାର ବିପରୀତେ କାର୍ଯ୍ୟ ନିର୍ବାହ କରାଯାଇଥାଏ । ଏଇଠି ତେଲିଆ ମୁଣ୍ଡରେ ତେଲ ! ଦରିଦ୍ର କେବଳ ନିଜର ସୀମାରେଖା ମଧ୍ୟରେ ରହି ଉଚ୍ଚସ୍ଥଙ୍କୁ ବାବୁଜୀ, ଆଜ୍ଞାଜୀ କରି ବଂଚିବା ଛଡା ସେମାନଙ୍କ ପ୍ରକୃତ ବିକାଶ ପାଇଁ କେହି ଭାବନ୍ତ ନାହିଁ । ଦର୍ଶନୀରେ ସେମାନେ ଅତ୍ୟଂ ଖୁସି । ବାସ୍ତବତାକୁ ବୁଝିବା କ୍ଷମତା ନଥାଏ ସେମାନଙ୍କର । ନିର୍ବୋଧତା ଆମ ଦେଶର ସବୁ ବର୍ଗର ମଣିଷଙ୍କୁ ଅଳଙ୍କୃତ କରି ରଖିଛି ! କିଛି ନବୁଝି, କୌଣସି କଥାକୁ ଅନୁଶୀଳନ କରିବାର କ୍ଷମତା ନଥାଇ ସବୁ ଜାଣିବା ଭଳି ଅନୁଭୂତି ସାଙ୍ଗକୁ ବାହାପିଆ କଥା କହି ନିଜର ଜ୍ଞାନକୁ ସଂକୁଚିତ କରୁଥିବା ଜ୍ଞାନ ବହିର୍ଭୂତ ପ୍ରାୟତଃ ସମସ୍ତ ମଣିଷ ଦେଖିବାକୁ ମିଳନ୍ତ ଏଇଠି । ଚତୁର କେଳେଙ୍କାରୀ ଗୋଷ୍ଠୀ ତାହାର ଲାଭ ଉଠାଉଥିବା ବେଳେ ମିଥ୍ୟା ପ୍ରତିଭାଧାରୀ ଉଚ୍ଚସ୍ଥାନିତ ! ସରକାରୀ



ପଙ୍କଜ କୁମାର ପାଣିଗ୍ରାହୀ

କଳର ବାର୍ଷିକ ଆୟ, ବ୍ୟୟ ବରାଦ ସଂସଦ, ବିଧାନସଭାରେ ଆକଳନ, ଗୃହୀତ ହେଉଥିବା ବେଳେ ସାଧାରଣ ଲୋକଙ୍କ ଆର୍ଥିକ ନିୟନ୍ତ୍ରଣ ପାଇଁ କୌଣସି ସରକାରୀ ଶିକ୍ଷାର ପ୍ରାବଧାନ ନାହିଁ । ସାଧାରଣ ଲୋକେ ନିଜର ଆର୍ଥିକ ସନ୍ତୁଳନ ରକ୍ଷା ନକରିପାରି ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ବେଳେ ବ୍ୟବସାୟୀ ତାହାର ଯଥେଷ୍ଟ ଲାଭ ଉଠାଉଥିବା ଏକାନ୍ତ ସତ୍ୟ । ତଥାପି ନା ସେମାନଙ୍କୁ କେହି ଉଚିତ ଜ୍ଞାନ ପ୍ରଦାନ କରନ୍ତ କିମ୍ବା ସେମାନଙ୍କ ଜିଜ୍ଞାସା ସୃଷ୍ଟି ହେଉଛି ସତ୍ୟକୁ ଉନ୍ମୋଚନ କରି ନିଜର ଆର୍ଥିକ, ସାମାଜିକ ସନ୍ତୁଳନ ରକ୍ଷା କରିବା ପାଇଁ । ଯଥେଷ୍ଟ ଅମାନୁଷିକ ପରିବେଶ ମଧ୍ୟରେ ସମସ୍ତେ ସମସ୍ତଙ୍କୁ ମିଥ୍ୟା କହି ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ବ୍ୟଗ୍ର । ଇତି ମଧ୍ୟରେ ସରକାରୀ କଳର ସମସ୍ତ ଆୟ, ବ୍ୟୟ ମଧ୍ୟରୁ ୧୦ ପ୍ରତିଶତ ସାମାଜିକ କାର୍ଯ୍ୟରେ ଲାଗୁଥିବା ବେଳେ ୯୦ ପ୍ରତିଶତ ଭ୍ରଷ୍ଟାଚାରୀ, ବ୍ୟବସାୟୀଙ୍କ କବଳିତ ହେଉଥିବା ସମସ୍ତଙ୍କୁ ଗୋଚର ଥାଇ ମଧ୍ୟ କିଂକର୍ତ୍ତବ୍ୟ ଶୂନ୍ୟତା ମଧ୍ୟରେ ସମସ୍ତଙ୍କ ଭାବଧାରା ସୀମିତ !

ମିଛିମିଛିକା ବିକାଶର ନାରା ଗଣମାଧ୍ୟମରେ ପ୍ରଖରିତ ସମସ୍ତଙ୍କୁ ଏମିତି ବିମୋହିତ କରି ରଖିଛିଯେ ସମସ୍ତେ ଭାବୁଛନ୍ତ କୌଣସି ଗୋଟିଏ ଦିନ ଭାରତ ବିଶ୍ୱ ଦରବାରରେ ଶୀର୍ଷ କ୍ଷେତ୍ର ଅକ୍ତିଆର କରିବ ! କିନ୍ତୁ ମୂଳକୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ ?! ପିଲା ଖେଳ ଠାରୁ ଅଧିକ ନିର୍ବୋଧ ଆମ ଦେଶ ସାଧାରଣ ମଣିଷ ଗୁଡିକର, ଯେଉଁଠି ସାଧାରଣ ଲୋକଙ୍କ ଜୀବନ ଜୀବିକାର ସ୍ଥିତି ନାହିଁ ସେଇଠି ବିକାଶ କେବଳ ଆକାଶରେ ଦିଶିବା ଛଡା ବାସ୍ତବତାର ରୂପନେବା ଅସମ୍ଭବ । ସାଧାରଣ ଲୋକଙ୍କ ଆର୍ଥିକ ସାମାଜିକ ସୁଧାର ନହେବା ପର୍ଯ୍ୟନ୍ତ ଯେ ଆମେ ଦିନକୁ ଦିନ ନିମ୍ନଗାମୀ ହୋଇ ଚାଲିଛେ ଏକଥାରେ କାହାର ଧ୍ୟାନ ନାହିଁ । ସମସ୍ତେ ଭାବୁଛନ୍ତ ମୋ ନିଜର ସ୍ୱାର୍ଥ ହାସଲ ହୋଇଗଲେ ସଂସାର ଠିକ୍‌ଠାକ୍ ! କିନ୍ତୁ ବ୍ୟକ୍ତିଗତ ଭାବେ ସ୍ୱଳ୍ପ ସଂଖ୍ୟକଙ୍କ ଉନ୍ନତି ହୋଇଗଲେ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ବରଂ ସୀମିତ ଗୋଷ୍ଠୀଙ୍କ ହାତକୁ ଆର୍ଥିକ ନିୟନ୍ତ୍ରଣ ଚାଲିଗଲେ ସାଧାରଣ ମଣିଷ କ୍ରୀତଦାସ ଭଳି ବଂଚିବେ ବୋଲି ଆକଳନ ବହିର୍ଭୂତ ନିର୍ବୋଧଙ୍କ ଭବିଷ୍ୟ ପିଢିଙ୍କ ଭବିଷ୍ୟତ କ'ଣ ହେବ ଆମ ଭାଷାକୋଷ ବାହାରେ । ପ୍ରତ୍ୟେକ ମିଥ୍ୟା ବଚନ ତଥା ଷଡ଼ଯାନ୍ତ୍ରିକ ପ୍ରଚାରକୁ ସାଧାରଣ ଲୋକେ ଆନନ୍ଦର ସହ ଗ୍ରହଣ କରୁଥିବା ସର୍ବାଦୌ ପରିତାପର ବିଷୟ । ଅଧିକନ୍ତୁ ସେଗୁଡ଼ିକୁହିଁ ବାସ୍ତବ ବୋଲି ଗ୍ରହଣ କରିବା, ପୁଣି ପ୍ରଚାର କରି ନିଜକୁ ଆଗଧାଡ଼ିରେ ରଖିବା ପାଇଁ ପ୍ରତିଯୋଗିତା ସମସ୍ତଙ୍କର । ସତ୍ୟ କଣ କେହି ଜାଣନ୍ତ ନାହିଁ, ଜାଣିବାର ଆଗ୍ରହ ନାହିଁ କିମ୍ବା ପ୍ରକାଶ କରନ୍ତେ କ୍ଷୁଣ୍ଣତା କହିଲେ ନସରେ । ସମସ୍ତେ ସମସ୍ତଙ୍କୁ ମିଥ୍ୟା କହି ନିଜକୁ ଚତୁରର ପରିଚୟ ଦେଇ ଆତ୍ମସଂ‌ତୋଷ ଲାଭ କରିଥାନ୍ତ ଏଇଠି । କି ବିଚିତ୍ର ଭାବଧାରା, ପରିବେଶ, ପରିସ୍ଥିତି ମୋ ଦେଶର, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି !! ସମୟ ସ୍ରୋତରେ କିଛି ସ୍ୱାର୍ଥାନ୍ୱେଷୀ ମଣିଷଙ୍କ ଚତୁରୀ କଥାରେ ବିପରୀତମୁଖୀ କାର୍ଯ୍ୟ ଗୁଡିକୁ ଯୁକ୍ତାତ୍ମକ ଭାବେ ଗ୍ରହଣ କରି ଆଗକୁ ଉନ୍ନତିର ସ୍ୱପ୍ନ ଦେଖୁଥିବା ମଣିଷଙ୍କ ନିର୍ବୋଧତା ବିଷୟରେ ତର୍ଜମା କଲେ ମୂକ ହୋଇଯାଏ ବଚନ । ଉକ୍ତ ନିର୍ବୋଧଙ୍କ ଦାର୍ଶନିକ ବିଶ୍ଳେଷଣ ଶୁଣିଲେ ଜ୍ଞାନ ଶୂନ୍ୟ ହୋଇଯାଏ ମଣିଷର ବୁଦ୍ଧି । କେତେକ ସ୍ୱାର୍ଥାନ୍ଧ ସେମାନଙ୍କ ସହିତ ନିଜକୁ ଯୋଡି କିଛି ପାଇବା ଆଶା ରଖି କେଳେଙ୍କାରୀଙ୍କ ଗୁଣଗାନ କରୁଥିବା ବେଳେ ସାଧାରଣ ନିର୍ବୋଧ ଅଜ୍ଞାନ ଶିକ୍ଷିତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଏଇଠି । ଏମିତି ପରିସ୍ଥିତି, ପରିବେଶରେ କିଂଚିତ ହୃଦବୋଧ କରୁଥିବା ମଣିଷଙ୍କ ଉପସ୍ଥିତି ଥାଇ ମଧ୍ୟ ସେମାନଙ୍କ ସମାଲୋଚନା ନେପଥ୍ୟରେ କୋଳାହଳ ଭଳି ଶୁଭୁଛି କାଁଭାଁ । ଏମିତି କିଛି ବର୍ଷ ଚାଲିବା ପରବର୍ତ୍ତୀ ପରିସ୍ଥିତି ସାଧାରଣ ଲୋକଙ୍କ ଆକଳନ ବହିର୍ଭୂତ ଅବସ୍ଥାରେ । ତେଣୁ ବେଳ ଥାଉ ସୁଧୁରିଲେହିଁ ଆଗକୁ ବିପଦରୁ ନିଜକୁ ନିବୃତ୍ତ ରଖିହେବ ବୋଲି ଆମ ବିଚାର । ଏହିକଥା ସମୟ ସ୍ରୋତର ଏହି ବ୍ୟସ୍ତବହୁଳତା ମଧ୍ୟରେ ଆମର ଜ୍ଞାନ ଗୋଚର ନହୋଇ ଅନ୍ଧ ଭଳି ନିଜସ୍ୱ ସ୍ୱାର୍ଥ ପଛରେ ଦୌଡୁଥିବା ସମସ୍ତ ମଣିଷ ସମାଜର ଆଗକୁ ଅଶ୍ଳୁଳ ଜୀବନ ଯାପନ କରିବାର ପଥ ପରିଷ୍କାର ହୋଇ ଚାଲିଥିବା ବେଳେ ସେଥିପ୍ରତି କାହାର ଧ୍ୟାନ ନଥିବା ଗୋଟିଏ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ଯାହା ଆମ ପେଟରୁ ଭୋକ, ଆଖିରୁ ନିଦ ହଜାଇ ଦେଇଥିବା ବେଳେ ଆପଣଙ୍କ ପରିସ୍ଥିତି କ'ଣ ............??!!

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତ୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଝିମିଟି ଖେଳରୁ ମହାଭାରତ: ଦହପଡ଼ା ଅଞ୍ଚଳରେ ସଂଘବଦ୍ଧ ଆକ୍ରମଣ

ବାଲେଶ୍ୱର: ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଦହପଡ଼ା ଅଞ୍ଚଳରେ ସାମାନ୍ୟ କଥାକୁ ନେଇ ସଂଘବଦ୍ଧ ଆକ୍ରମଣ ହୋଇଛି । ଏନେଇ ସହଦେବଖୁଣ୍ଟା ଥାନାରେ : ମୂଳେ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ମୁତାବକ କଣ୍ଟାବଣିଆ ଅଞ୍ଚଳର ୧୫ରୁ ୨୦ ଜଣ ଭିନ୍ନ ସମ୍ପ୍ରଦାୟର ଯୁବକ ହାତରେ ତେଲେଙ୍ଗା କଟୁରୀ, ଖଣ୍ଡା ଓ ବନ୍ଧୁକ ଧରି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଘରକୁ ପଶିଆସିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ଅନ୍ତସତ୍ତ୍ୱା ଥିବା ବହୂକୁ ଗୋଇଠା ମାରିବା ସହ ତାଙ୍କ ପତ୍ନୀକୁ ଟେକି କଚାଡ଼ି ଦେଇଥିଲେ । ଅସାମିଜିକ ଯୁବକମାନଙ୍କ ଏଭଳି ଆକ୍ରମଣରେ ଲୋକମାନେ ଭୟଭୀତ ହୋଇ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ । ମାତ୍ର ପାଟିତୁଣ୍ଡ ଶୁଣି ୱାର୍ଡ଼ ସଭ୍ୟ ପ୍ରଭାକର ନାୟକ, ତପନ ଜେନା, ଜିତୁ ନାୟକ, ରବି ଜେନା ପ୍ରମୁଖ ପହଂଚି ଯିବାରୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଆକାଶକୁ ଗୁଳି ଭୁଟାଇଥିଲେ । ଅନ୍ୟ ଯୁବକମାନେ ମଧ୍ୟ ୱାର୍ଡ଼ ସଭ୍ୟଙ୍କ ସହ ଅନ୍ୟମାନଙ୍କୁ ଗୁଡ଼ାଇ ଗୁଡ଼ାଇ ପିଟିଥିଲେ । ଆକ୍ରମଣରେ ପ୍ରଭାକର ନାୟକ, ସନାତନ ପରମାଣିକ, ବିକି ଜେନା, ଗୁରୁତ୍ୱର ହୋଇ ଚିକିତ୍ସିତ ହେଉଥିବା ବେଳେ ଚକ୍ରଧର ଜେନା, ରାଜେନ୍ଦ୍ର ନାୟକ, ସୁବାସିନି ନାୟକ, ତପନ ଜେନା ଓ ସଞ୍ଜୁଲତା ଜେନା ପ୍ରମୁଖ ଆହତ ହୋଇଛନ୍ତି । ଏହା ପୂର୍ବରୁ କଣ୍ଟାବଣିଆ ଅଞ୍ଚଳର ଜୈନକ ଯୁବକଙ୍କୁ ଡ଼େଲିଭରି ବୟ ଏକ ପାର୍ସଲ ଦେଇଥିଲେ । କିନ୍ତୁ ସେ ମଗାଇଥିବା ମୁବାଇଲ ସେଥିରେ ନଥିବା ଦେଖି ବାଇକରେ ଡ଼େଲିଭରି ବୟକୁ ପିଛା କରି ଗାଁ ନିକଟରେ ଥିବା ଏକ ନଳକୂଅ ନିକଟରେ ତାଙ୍କୁ ମାରିବା ସହ ଅଶୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଗାଁ ଲୋକେ ଏପରି ଅଶୀଳ ଭାଷା କହୁଥିବାରୁ ପ୍ରତିବାଦ କରିଥିଲେ । ଯାହାକୁ ନେଇ ବଚସାରୁ ହାତା ହାତି ପର୍ଯ୍ୟନ୍ତ କଥା ବଢିଥିଲା । ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଂଚି ଘଟଣାକୁ ଆୟତ୍ତ କରିଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପେଟ୍ରୋଲିଂ ଜାରି ରଖିଛି ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ୍ ସଚେତନତା ଶିବିର

ମାଲକାନଗିରି: ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୂଲ୍ୟରେ ଅନ୍ ଲାଇନ୍ ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ଅତିରିକ୍ତ ଜିଲ୍ଲା ଜଜ୍ କୃଷ୍ଣଚନ୍ଦ୍ର ନାୟକ ଏବଂ ତାଲିମପ୍ରାପ୍ତ ପାରା ଲିଗାଲ୍ ଭଲିଟିଂୟର ଡଃ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଅନ୍ ଲାଇନ୍ ମାଧ୍ୟମରେ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ଅଧ୍ୟାପକ ଡଃ. ଶ୍ରୀ ସ୍ୱାଇଁ କଠିନ ବର୍ଜ୍ୟବସ୍ତୁର ପରିଚାଳନା କିପରି କରାଯାଇ ତାହାର ସଦୁପଯୋଗ କରାଯିବ ସେ ବିଷୟରେ ଅନ୍ ଲାଇନ୍ ମାଧ୍ୟମରେ ଉପସ୍ଥିତ ଥିବା ଜନସାଧାରଣ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରାଇଥିଲେ । ଏହା ବ୍ୟତୀତ କଠିନ ବର୍ଜ୍ୟବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁକୁ କିପରି ଅଲଗା ରଖି ତାହାର ନିଷ୍କାସନ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହା ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଆଲୋକପାତ କରିଥିଲେ । ସେହିପରି ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ମାଗଣା ଆଇନ ସେବା, ମଧ୍ୟସ୍ଥିତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଢଂ୫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।



# ମୋ ଓଡ଼ିଶା

## ଗରିବଙ୍କୁ ମାଗଣା ଖାଦ୍ୟଶସ୍ୟ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ) ଅଧିନରେ ଦେଶର ୮୦କୋଟି ଗରିବ ହିତାଧିକାରୀଙ୍କୁ ଆସନ୍ତା ମେ' ଓ ଜୁନ ମାସ ପାଇଁ ମୁଣ୍ଡପିଛା ମାସିକ ୫କିଲୋ ଚାଉଳ କିମ୍ବା ଗହମ ମାଗଣା ଯୋଗାଇ ଦେବା ପାଇଁ ଶୁକ୍ରବାର ଦିନ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଦେଶରେ ମହାମାରୀ କରୋନା ଭୂତାଣୁ ସଂକ୍ରମଣର ଦ୍ୱିତୀୟ ଲହର ଦିନକୁ ଦିନ ରେକର୍ଡ ଭାଙ୍ଗୁଥିବା ବେଳେ କେନ୍ଦ୍ର ସରକାରଙ୍କ ଏହି ଘୋଷଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଦେଶରେ ଲକ୍‌ଡାଉନ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଏନଏଫଏସଏ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମୁଣ୍ଡ ପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇଥିଲେ। ଗତବର୍ଷ କେନ୍ଦ୍ର ସରକାର ୮ ମାସ ପାଇଁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଥିବା ବେଳେ ଏବେ ଏହି ଯୋଜନାରେ ଦୁଇମାସ ପାଇଁ ଖାଦ୍ୟଶସ୍ୟ ଦେବାପାଇଁ ନିଷ୍ପତି ନେଇଛନ୍ତି। ଏହାଦ୍ୱାରା ରାଜକୋଷରୁ ୨୬୦୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏବେ ଦେଶରେ ମହାମାରୀର ସଂକ୍ରମଣ ଦ୍ୱାରା ଦେଶର ୧୧ଟି ରାଜ୍ୟ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ଅନ୍ୟ ରାଜ୍ୟଗୁଡିକ ଊଣା ଅଧିକେ ପ୍ରଭାବିତ ହୋଇଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି କେତେକ ରାଜ୍ୟ ଲକ୍‌ଡାଉନ ଭଳି କଠୋର କଟକଣା ଜାରି କରିଥିବା ସମୟରେ କେତେକ ରାଜ୍ୟ ସପ୍ତାହନ୍ତ ସଟଡାଉନ୍, ରାତ୍ରିକାଳୀନ କର୍ଫ୍ୟୁ ଆଦି ଜାରି କରିଛନ୍ତି। ଯାହାଫଳରେ ଜୀବନ-ଜୀବିକା ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଦିନମଜୁରିଆ ଏବଂ ପ୍ରବାସୀ ଶ୍ରମିକଙ୍କ ଜୀବିକା ବିପନ୍ନ ହେବା ସହ ଆର୍ଥିକ ଦୁର୍ଗତିର କାରଣ ହୋଇଛି। ଗରିବଙ୍କୁ ଦୁର୍ଦ୍ଦିନରେ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବା ପାଇଁ ରାଜସ୍ଥାନ, କେରଳ ଓ ଉତରାଖଣ୍ଡ ରାଜ୍ୟ ସରକାର ଏବଂ ବରିଷ୍ଠ ରାଜନୀତିଜ୍ଞ ଶରଦ୍ ପାୱାରଙ୍କ ସମେତ ଦଳମତ ନିର୍ବିଶେଷରେ ବହୁ ସାଂସଦ ଦାବି କରିଥିଲେ। ଏହା ସତ୍ୟ ଯେ, ମହାମାରୀର ଦ୍ୱିତୀୟ ଲହର ଯୋଗୁଁ ଗତବର୍ଷ ପରି ପ୍ରବାସୀ ଶ୍ରମିକ ସମସ୍ୟା ସୃଷ୍ଟି ହୋଇ ନ ଥିଲେ ମଧ୍ୟ ଏବେ କଟକଣା, ରାତ୍ରୀ କର୍ଫ୍ୟୁ ଏବଂ କେତେକ ରାଜ୍ୟରେ ଲକଡାଉନ ବା ମାଇକ୍ରୋ କଂଟେନମେଂଟ ଯୋଗୁଁ ପ୍ରବାସୀ ଶ୍ରମିକ ଗ୍ରାମମୁହାଁ ହୋଇଛନ୍ତି। ନିକଟରେ ଦିଲ୍ଲୀର ଆନ୍ତର୍ଜାତିକ ବସ ଟର୍ମିନାଲ ଏବଂ ରେଳଷ୍ଟେସନରେ ସୃଷ୍ଟି ହୋଇଥିବା ଭିଡ ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ତେବେ କରୋନା କାଳରେ ଦୁଇମାସ ପାଇଁ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯଥେଷ୍ଟ ନୁହେଁ, ଏହା ଯେ କେହି ସ୍ୱୀକାର କରିବେ। ପ୍ରବାସୀ ଶ୍ରମିକ ଏବଂ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ନିରାପତା, ପଂଜିକରଣ ଏବଂ କର୍ମଯୋଗାଣକୁ ସୁନିଶ୍ଚିତ କରିବା ବର୍ତମାନର ସବୁଠାରୁ ବଡ ଆବଶ୍ୟକତା। ସେହିପରି ଗତବର୍ଷର ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ପରେ କେନ୍ଦ୍ର ସରକାର 'ଏକରାଷ୍ଟ୍ର - ଏକ ରାସନ" ନୀତି କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରିଥିଲେ। ବର୍ତମାନ ସୁଦ୍ଧା ଏହା ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଗତ ଫେବୃୟାରୀ ମାସ ସୁଦ୍ଧା ୩୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ୬୯କୋଟି ହିତାଧିକାରୀଙ୍କ ଲାଗି ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଉଥିଲା। ୮୬ ପ୍ରତିଶତ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧୪ପ୍ରତିଶତ ଏବେ ଯୋଜନା ବାହାରେ ରହିଛନ୍ତି। ତେବେ ସାଧାରଣ ବଂଟନ ବ୍ୟବସ୍ଥାକୁ ସାର୍ବଜନୀନ ନକରିବା ପର୍ଯ୍ୟନ୍ତ, ଏହି ଯୋଜନା କୌଣସି ପ୍ରଭାବ ପକାଇବା ସମ୍ଭାବନା ନାହିଁ ବୋଲି କହିଲେ, ହୁଏତ ଭୁଲ ହେବ ନାହିଁ। ଏହା ନିଶ୍ଚିତ ଯେ, ଏବେ ଯେଉଁଭଳି ମହାମାରୀ କରୋନା କାୟା ବିସ୍ତାର କରିଚାଲିଛି, ଗତବର୍ଷ ତୁଳନାରେ ଚଳିତ ବର୍ଷ ସଂକଟ ଆହୁରି ଉତ୍କଟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଦେଶର ଗରିବ, ଅସଂଗଠିତ ଏବଂ ପ୍ରବାସୀ ଶ୍ରମିକ ବଂଚିବା ପାଇଁ ଅର୍ଥ, ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ପିଲାଙ୍କ ପାଇଁ ଶିକ୍ଷା ନିହାତି ଜରୁରୀ। ସେମାନଙ୍କୁ ଖାଦ୍ୟ ଓ ରୋଜଗାର ପାଇଁ ସରକାର ନୂତନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ବର୍ତମାନ ସମୟରେ ସବୁଠାରୁ ବଡ ଆବଶ୍ୟକତା।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

## ଶୌଚାଳୟ ଟାଙ୍କି ଲିକ୍, ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହଟହଟା

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲାର ବ୍ୟସ୍ତବହୁଳ ଘଷିପୁରା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ହଟହଟା ହେଉଥିବା ଦେଖିବାକୁ ମିଳିଛି। ଶୌଚାଳୟର ଟାଙ୍କି ଲିକ୍ ହେବା ଯୋଗୁଁ ଯାତ୍ରୀମାନେ ଦୁର୍ଗନ୍ଧମୟ ପରିବେଶରେ ଯାତାୟତ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ପରେ ଆନନ୍ଦପୁର ମ୍ୟୁନିସିପାଲିଟି ପକ୍ଷରୁ ପ୍ରାୟ ୭ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି। ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଧାୟକ ଭାଗୀରଥି ସେଠୀ ଏହାର ଉଦ୍‌ଘାଟନ କରିଥିଲେ । ତେବେ ଶୌଚାଳୟ ଟାଙ୍କିରୁ ପାଣି ଲିକ୍ ହୋଇ ବସ୍‌ଷ୍ଟାଣ୍ଡ ସାରା ମାଡୁଛି । ନିର୍ମାଣରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୌର କର୍ତ୍ତୃପକ୍ଷ ସଫେଇରେ ଅବହେଳା କରୁଥିବାରୁ ସମସ୍ୟା ବଢି ଚାଲିଛି । ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଦୋକାନୀ ଓ ରାସ୍ତାରେ ଯାଉଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୌଚାଳୟ ପାଇଁ ଶହ ଶହ ଲୋକ ଅସୁବିଧାରେ ପଡୁଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ । ଅଭିଯୋଗ ପାଇ ମ୍ୟୁନିସିପାଲଟି ପକ୍ଷରୁ ଆଜି ଟାଙ୍କି ବାହାରେ ଥିବା ପାଣିକୁ ସଫା କରାଯାଉଥିବା ବେଳେ ପୁଣି ୧ ଘଣ୍ଟାରେ ପାଣି ଜମିଥିବା ଲକ୍ଷ୍ୟ କରାଯାଇଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣରେ ଦାବି କରାଯାଇଛି ।

## ଶୁଆକାଟୀ ସାପ୍ତାହିକ ହାଟରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀଙ୍କ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର (ପିଏନ୍): ଗତ ୧୮ ତାରିଖ ରବିବାର ଦିନ ଶୁଆକାଟୀ ସାପ୍ତାହିକ ହାଟରେ ବାଂଶପାଳ ବିଡିଓ ଉଗ୍ରେସନ ଓରାମ ଓ ତହସିଲଦାର ସପନ କୁମାର ସାହୁଙ୍କ ମିଳିତ ନେତୃତ୍ୱରେ କୋରୋନା ସଂକ୍ରମଣର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀ ଯଥା- ମାସ୍କ ନପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ନରଖୁଥିବା ବ୍ୟବସାୟୀ, ଜନସାଧାରଣ ଏବଂ ଯାତ୍ରୀବାହୀ ଯାନଗୁଡିକୁ ଯାଂଚ କରାଯାଇଥିଲା । କେନ୍ଦୁଝର ସଦର ଥାନା ଆଇ.ଆଇ.ସି.ଙ୍କ ନିର୍ଦ୍ଦେଶକ୍ରମେ ଶୁଆକାଟୀ ଫାଣ୍ଡି ଅଧିକାରୀ ଶ୍ରୀ ତ୍ରିନାଥ ନାଏକ ଏବଂ ପୋଲିସ୍‌ବାହିନୀ ଏହି ଯାଂଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଯାଂଚ ସମୟରେ କୋଭିଡ୍-୧୯ ନିୟମ ଉଲଙ୍ଘନକାରୀ ବ୍ୟବସାୟୀ ଓ ଶୁଭମ ନାମକ ଏକ ଯାତ୍ରୀ ବାହୀ ବସ୍‌ଠାରୁ ସର୍ବମୋଟ ଟ.୯୫୦୦/-ଙ୍କା ଜରିମାନା ଆଦାୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶୁଆକାଟୀ ସରପଂଚ ଶ୍ରୀମତୀ ତାରାମଣି ନାଏକ, ନିର୍ବାହୀ ଅଧିକାରୀ ଶ୍ରୀ ଭବାନୀ ପ୍ରସାଦ ନନ୍ଦ ପ୍ରମୁଖ ଏହି ଯାଂଚ ସମୟରେ ସହଯୋଗ କରିଥିଲେ ।

## ବାତୋ ପଞ୍ଚାୟତରେ ଉପନିର୍ବାଚନ ସ୍ଥଗିତ

ଆନନ୍ଦପୁର (ପିଏନ୍): କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ପଂଚାୟତର ଉପନିର୍ବାଚନକୁ ସ୍ଥଗିତ ରଖିଛନ୍ତି । ଏହି କ୍ରମରେ ଘଷିପୁରା ବ୍ଲକ ବାତୋ ପଂଚାୟତର ସରପଂଚ ପଦବୀ ପାଇଁ ଆଗାମୀ ୨୮ତାରିଖରେ ହେବାକୁ ଥିବା ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏଥିନେଇ ବିଡିଓ ଅସିତ୍ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏପଟେ ସମସ୍ତ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଥିବା ବେଳେ ଏହି ଖବର ମିଳିବା ପରେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ସୂଚନାଯୋଗ୍ୟ ଯେ ସରପଂଚ କାହ୍ନୁଚରଣ ନାୟକଙ୍କ ନଭେମ୍ବର ୧୬ ତାରିଖରେ ପରଲୋକ ପରେ ଏଠାରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ୧୦ବର୍ଷ ବୟସ କମାଇ ସରକାରୀ ସ୍କୁଲରେ ଶିକ୍ଷକତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରେ ଗଣଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଥମିବାର ନାହିଁ। କେତେବେଳେ ଆବଶ୍ୟକତା ଅନୁଯାଇ ଯୋଗ୍ୟତା ପୂରଣ ହେଉନଥିଲେ ବି ଚାକିରି ସ୍ଥାୟୀ କରିବାକୁ କାରସାଦି କରାଯାଉଛି ତ ପୁଣି କେବେ ଜାଲିଆତି ହେଉଛି। ବୟସକୁ କମାଇ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଛନ୍ତି କେତେ। ଚାକିରି ସମୟରେ ବୟସ କମ୍ ପକାଇ କଂସାର ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ନିଯୁକ୍ତି ପାଇଥିବା ଜଣାପଡ଼ିବାରେ ଏବେ ସେସବୁର ଖୋଳତାଡ଼ ଆରମ୍ଭ ହୋଇଛି। ଏବାବଦରେ ଅଭିଯୋଗ ହେବା ପରେ ଶିକ୍ଷା ବିଭାଗରେ ତତ୍ପରତା ପ୍ରକାଶ ପାଇବା ସହ ତଦନ୍ତ ପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କହିଥିଲେ । ହେଲେ ପରବର୍ତୀ ସମୟରେ ତାଙ୍କର ସେହି ଦମ୍ଭୋକ୍ତି କୁଆଡ଼େ ମିଳେଇଯାଇଥିବା ଦେଖାଯାଇଛି। ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ ବି ତଦନ୍ତକୁ ଚାପିଦିଆଯାଇଛି। ବୟସ କମ୍ ଦର୍ଶାଇ ଚାକିରିକରିଥିବା ସଂପୃକ୍ତ ଶିକ୍ଷକଙ୍କର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଦରମା ବନ୍ଦ କରାଯାଇଥିଲା। କିନ୍ତୁ ଏବେ ପୁଣି ସେହି ଶିକ୍ଷକ ଶ୍ରୀ ପ୍ରଧାନ ଦରମା ପାଉଥିବା ସୂଚନା ମିଳିଛି। ୧୦ବର୍ଷ ବୟସ କମାଇ, ତ୍ରୁଟିଯୁକ୍ତ ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି ହାତେଇ ନେଇଥିଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଏମିତି ଏକ ମାମଲାକୁ ଚାପିଦେବାକୁ ବସିଥିବାବେଳେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେବାରୁ ବାଧ୍ୟହୋଇ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ହେଲେ ଏଥର ସେମିତି ହୋଇନଥିବାରୁ ଘଟଣାକୁ ଚାପିଦେଇ ପୁଣି ସମ୍ପୃକ୍ତ ଶିକ୍ଷକଙ୍କର ଦରମା ପ୍ରଦାନ ପାଇଁ ଅନୁମତି ମିଳିଛି। ଏହାପଛରେ ବଡ଼ଧରଣର କାରବାର ହୋଇଥିବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଲାଣି। ଅଭିଯୋଗ ପରେ ସମ୍ପୃକ୍ତ ଶିକ୍ଷକଙ୍କର ପାଠପଢ଼ା ଓ ଜନ୍ମପ୍ରମାଣ ପତ୍ର ଦାଖଲ କରିବାକୁ କେନ୍ଦ୍ରାପଡ଼ାର ତତ୍କାଳୀନ ଭାରପ୍ରାପ୍ତ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମରୁ ତୃତୀୟ, ଚତୁର୍ଥ ଓ ୫ମ, ଷଷ୍ଠ ଓ ସପ୍ତମ, ୮ମରୁ ୧୦ମ, ଯୁକ୍ତ ଦୁଇ ଓ ସିଟି ତାଲିମ ଗ୍ରହଣ କରିଥିବାର ପ୍ରମାଣପତ୍ର ୨୦୨୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଅନ୍ୟଥା ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ପୂର୍ବକ ଚୂଡ଼ାନ୍ତ ନିଷ୍ପତି ପର୍ଯ୍ୟନ୍ତ ତାଙ୍କର ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ହେଲେ ଚିଠିରେ ଚିଠିରେ ତଦନ୍ତ ସରିଗଲା। ସଂପୃକ୍ତ ଶିକ୍ଷକଙ୍କ ବାସ୍ତବ ବୟସ ପ୍ରାୟ ୫୮ବର୍ଷ ହୋଇଥିବାବେଳେ ସାର୍ଟିଫିକେଟରେ ୧୦ ବର୍ଷ କମ୍ କରି ଦର୍ଶାଯାଇଛି ଅର୍ଥାତ ତାଙ୍କୁ ଏବେ ୪୮ ବର୍ଷ ହୋଇଛି। ସର୍ଭିସ ବୁକ୍ ଖୋଲିବା ଲାଗି ଆବଶ୍ୟକ କାଗଜପତ୍ର ମଗାଇବାରୁ କିଛିମାସ ପୂର୍ବରୁ ଏଭଳି ଚଂଚକତା ସାମ୍ନାକୁ ଆସିଥିଲା। ଏତେସବୁ ଜାଲିଆତି ସତ୍ୱେ ବି ବିଇଓଙ୍କ କାର୍ଯ୍ୟାଳୟର ଏକ ଗୋଷ୍ଠୀ ସମଗ୍ର ଘଟଣାକୁ ଚପାଇ ଦେଇଥିବାର ଦେଖାଯାଇଛି । ଗତ ୨୦୦୮ ମସିହା ଜୁଲାଇରେ ରାଜ୍ୟର ଅନ୍ୟ ଜିଲ୍ଲା ପରି କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୬୪୫ଜଣ ପ୍ରାର୍ଥୀ ଗଣଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ୮ବର୍ଷ ବ୍ୟବଧାନରେ ଚାକିରି ନିୟମିତ ହେବା ସହ ୫୪୧ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ମିଳିଥିଲା। ସେମାନଙ୍କ ମଧ୍ୟରେ ଉକ୍ତ ଶିକ୍ଷକ ପ୍ରମାଣପତ୍ରରେ ବୟସ ୧୦ବର୍ଷ କମ୍‌କରି ପାଠପଢ଼ିଥିଲେ ଆଉ ପରେ ଚାକିରି କରିଥିଲେ। ତାଙ୍କର ବାସ୍ତବ ବୟସ ୫୮ ବର୍ଷ ହୋଇଥିବାବେଳେ ସେ ପ୍ରମାଣପତ୍ରରେ ଭୁଲ ତଥ୍ୟଦେଇ ୧୦ ବର୍ଷ କମାଇ ୪୮ ବୋଲି ଦେଖାଇଥିଲେ। ଏବେ ତାଙ୍କ ପୁଅକୁ ଆସି ୩୩ ବର୍ଷ ହୋଇଥିବାବେଳେ ସେ ଜେଜେ ହୋଇସାରିଲେଣି। ସାର୍ଟିଫିକେଟ ବୟସକୁ ହିସାବ କଲେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଉଛି। ଯଦି ତାଙ୍କରବୟସ ସାର୍ଟିଫିକେଟ ହିସାବରେ ଧରାଯାଏ ତା'ହେଲେ ସେ ୧୬ ବର୍ଷ ବୟସରେ ବିବାହ କରିଥିବେ। ଯଦି ବିବାହ ତା'ଠାରୁ ଅଧିକ ବୟସରେ କରିଥାଆନ୍ତି ତା'ହେଲେ ନିହାତି ଭାବେ ସାର୍ଟିଫିକେଟ୍ ବୟସରେ ଭୁଲ୍‌ତଥ୍ୟଥିବ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାବେଳେ ପ୍ରମାଣପତ୍ରରେ ୧୯୬୨ ବୋଲି ଦର୍ଶାଯାଇ ଥିବାବେଳେ ପରବର୍ତୀ ସମୟରେ ତାହା ୧୯୭୨ ମସିହା କେମିତି ହେଲା? ତା' ହେଲେ ସେ ନିହାତି ଭାବେ ୧୬ ବର୍ଷ ବୟସରେ ବାପା ହୋଇଥିବେ। ଯଦି ୧୬ବର୍ଷ ବୟସରେ ସେ ବାପା ନହୋଇଥିବେ ତା' ହେଲେ ସେ ଚାକିରିକାଳ ବଢ଼ାଇବାକୁ ଏପରି କରିଥିବେ। କେନ୍ଦ୍ରାପଡ଼ା ଡିଇଓ ଶ୍ରୀ ସିଂଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୁର୍ନୀତିକୁ କଦାପି ପ୍ରଶୟ ଦିଆଯିବନି ବୋଲି।

## ଶ୍ୟାମ ଖୋସଲା ଥିଲେ ଭାରତୀୟ ସାମ୍ବାଦିକତା ଜଗତର ଉଜ୍ଜ୍ୱଳତମ ନକ୍ଷତ୍ର

ବ୍ରହ୍ମପୁର (ପିଏନ୍): ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ଶ୍ୟାମ ଖୋସଲା ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ ବୋଲି ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ସ୍ମୃତିସଭାରେ ଏନୟୁଜେଆଇର ପୂର୍ବତନ ସମ୍ପାଦକ ତଥା ଉପସଭାପତି ରବି ରଥ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି ସ୍ୱର୍ଗତ ଖୋସଲା ବିଭିନ୍ନ ଖବରକାଗଜରେ କାର୍ଯ୍ୟ କରିବା ସହ ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଚନ୍ଦ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସଂଗଠନକୁ କ୍ରିୟାଶୀଳ କରାଇଥିଲେ। ସେ ଥିଲେ ଅତ୍ୟନ୍ତ କର୍ମଠ, ନୀତିନିଷ୍ଠ, ସଂଗ୍ରାମୀ, ବର୍ଷିୟାନ ସାମ୍ବାଦିକ, ବିଶିଷ୍ଟ ଶ୍ରମିକ ନେତା। ପ୍ରେସ୍ କାଉନସିଲର ଓ ସାମ୍ବାଦିକ ମଜୁରୀ ବୋର୍ଡ଼ର ସଦସ୍ୟ ଭାବେ କାର୍ଯ୍ୟକରି ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରି ଆସୁଥିଲେ। ସାମ୍ବାଦିକତା ବୃତ୍ତିରେ ଅବକ୍ଷୟ ଧାରାକୁ ସେ ଅନବରତ ବିରୋଧ କରି ଆସିବା ସହ ସାମ୍ବାଦିକଙ୍କ ଲକ୍ଷ୍ୟ ଓ ଆଦର୍ଶ ବଜାୟ ରଖିବା ପାଇଁ ସେ ସବୁବେଳେ ଉଦ୍ୟମରତ ଥିଲେ। ଇଂରାଜୀ ଖବର କାଗଜ ଟ୍ରିବ୍ୟୁନରେ ସେ ବହୁବର୍ଷ ଧରି କାର୍ଯ୍ୟ କରିବା ସହ ଚଣ୍ଡିଗଡ଼ ପ୍ରେସ କ୍ଲବର ପ୍ରତିଷ୍ଠାତା ଥିଲେ। ୧୯୭୫ ଭାରତର ଜରୁରୀ ପରିସ୍ଥିତିରେ ଗଣତନ୍ତ୍ର ସୁରକ୍ଷା ପାଇଁ ଲଢ଼େଇ କରି ୧୯ ମାସ ଧରି କାରାବରଣ କରିଥିଲେ। ସାମ୍ବାଦିକମାନଙ୍କ ପ୍ରେରଣାଦାତା ଭାବେ ସେ ସମସ୍ତଙ୍କୁ ଉତ୍ସାହିତ କରି ଆସୁଥିଲେ। ଖୋସଲାଙ୍କ ପରଲୋକ ହୋଇଯାଇଥିଲେ ମଧ୍ୟ ତାଙ୍କ ବିଚାରଧାରା ସବୁଦିନ ପାଇଁ ସାମ୍ବାଦିକମାନଙ୍କୁ ପ୍ରେରଣା ଯୋଗାଇ ଆସୁଥିବ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ। ପ୍ରଥମେ ସାମ୍ବାଦିକ ସୁଶାନ୍ତ କର ଶୋକ ପ୍ରସ୍ତାବ ଆଗତ କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳବାୟୁ ବିଜ୍ଞାନୀ ଡ଼. ଡ଼ମ୍ବରୁଧର ସାହୁ, ବିଶିଷ୍ଟ ସମାଜସେବୀ ତଥା ଭଗବତ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷକ ସଂଘର ନେତା ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁଦତ୍ତା ରଥ, ଆଡ଼ଭୋକେଟ ଅବନୀ ଗୟା, ପ୍ରଣବ ପଣ୍ଡା, ରଞ୍ଜନ କୁମାର ସାହୁ, ବି. ସତ୍ୟମ ଆଚାରୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ସମାଜସେବୀ ଗଗନ ଚନ୍ଦ୍ର ମଲିକ, ନବୀନର ପ୍ରକାଶିକା ମଞ୍ଜୁ ରଥ, ପବିତ୍ର ଚୌଧୁରୀ, ବିଶ୍ୱଦେବ ପ୍ରମୁଖ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:**
10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କେନ୍ଦ୍ରାପଡା ଭାରତୀୟ ମାନବାଧିକାର ପରିଷଦର କୋଭିଡ ସଚେତନତା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ଗରଦପୁର ବ୍ଲକରେ ଏକ କୋଭିଡ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପନା ସାମନ୍ତରାୟ ଅଧକ୍ଷତା କରିଥିଲେ । ପରିଷଦର ଜାତୀୟ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ସମ୍ପାଦକ ଚିତ୍ତରଞ୍ଜନ ତରାଇ, କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଆଇନ ପରାମର୍ଶ ଦାତା ସୌମ୍ୟ ଧଳ, ସମ୍ପାଦକ ଧନେଶ୍ୱର ପଟ୍ଟନାୟକ, ସଂଯୋଜକ ପ୍ରଦୀପ ବରାଳ ପ୍ରମୁଖ ଯୋଗଦେଇ କୋଭିଡ ନିୟମ ପାଳନ ନିମନ୍ତେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ରକ୍ଷା ଏବଂ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ପରିବେଷଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ବେହୁରା, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ଶତପଥୀ, ଶୁଭମ ପାଣି, ଶିବପ୍ରସାଦ ପାଣି, ଚନ୍ଦ୍ରକାନ୍ତ ମିଶ୍ର, ବିଜେତା ସାମଲ, ଶୁଭଲକ୍ଷ୍ମୀ ମହାନ୍ତି, ରୀତାଞ୍ଜଳି ନାୟକ, ସୁନିତା ମାନା ଓ ସୁନିତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଟରାପାଟଣା ସାଇ ମନ୍ଦିରରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣାର ସାଇ ମନ୍ଦିରର ହୁଣ୍ଡିର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେଥିରେ ଥିବା ଟଙ୍କା ଚୋରୀ କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଗତ ସୋମବାର ବିଳମ୍ବିତ ରାତିରେ ସାଇ ମନ୍ଦିରର ବାହାରେ ଥିବା ହୁଣ୍ଡିକୁ ଭଙ୍ଗାଯାଇ ସେଥିରେ ଥିବା ଟଙ୍କାକୁ କେହି ଚୋରି କରିନେଇଥିବା ସମ୍ପର୍କରେ ଅଭିଯୋଗ ପାଇ ଟାଉନ ଥାନା ସବଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି ।

## ଗଣଧାରଣା ପ୍ରତ୍ୟାହାର କଲେ ବାରୋ ପଞ୍ଚାୟତବାସୀ



କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲାପାଳଙ୍କଠାରୁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ମିଳିବା ପରେ ଗଣଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି ବାରୋ ଗ୍ରାମପଞ୍ଚାୟତବାସୀ। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାରେ ବାରୋ ପଞ୍ଚାୟତବାସୀ ବସିବା ପରେ କେନ୍ଦ୍ରାପଡା ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ତଦନ୍ତ କରି ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ବାରୋ ନବୋଦୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କାର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ଥିଲା । କିନ୍ତୁ ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା । ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଚାଲୁରହିବ ବୋଲି ଧାରଣାକାରୀମାନେ କହିଥିଲେ । ଗତ ସୋମବାର ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ କୁମାର ପରିଡା ଓ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଭାଗୀରଥି ଜେନା, ନାଏବ ସରପଞ୍ଚ ବସନ୍ତ ନାୟକ ଓ ହେମନ୍ତ ପରିଡା ପ୍ରମୁଖ ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଅଭିଯୋଗ ଉପରେ ଆଲୋଚନା ପରେ ଜିଲ୍ଲାପାଳ ଶ୍ରୀ ଋତୁରାଜ ବାରୋ ପଞ୍ଚାୟତର ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଧାରଣାକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏହାପରେ ପିଡି ଶ୍ରୀ ପରିଡା ଓ ବିଡିଓ ଶ୍ରୀ ଦାସ ଧାରଣାସ୍ଥଳକୁ ଆସି ଗଣଧାରଣାରେ ବସିଥିବା ଧାରଣାକାରୀମାନଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ପର୍କରେ ପ୍ରତିଶୃତି ରଖିବାରେ ଧାରଣାକାରୀମାନେ ଧାରଣାକୁ ପ୍ରତ୍ୟାହାର କରିନେଇ ଧାରଣାସ୍ଥଳରୁ ଉଠିଯାଇଥିଲେ ।

## ଖବରକାଗଜ ହକର ତଥା କର୍କଟ ରୋଗୀଙ୍କୁ ନିସ୍ଥୁକ ମାଡ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଜଣେ ବରିଷ୍ଠ ଖବରକାଗଜ ହକର ବାବାଜୀ ବେହେରା ଓ ତାଙ୍କ ଝିଅ ପ୍ରମିଳା ବେହେରାଙ୍କୁ ତାଙ୍କ ପଡିଶା ନିସ୍ଥୁକ ମାଡ ମାରି ଲହୁଲୁହାଣ କରି ଦେଇଥିବା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି । କୌଣସି କାରଣରୁ ପଡିଶା ଜଣକ ବାବାଜୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଝିଅ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ । ଏହାର ପ୍ରତିବାଦ କରିବାରୁ ପଡିଶା ଘର ବାପ ପୁଅ ଦୁହେଁ ମିଶି ବାବାଜୀ ଓ ତାଙ୍କ ଝିଅ ଭଗବତୀ ବେହେରାଙ୍କୁ ତାଙ୍କ ଘର ଆଗରେ ନିସ୍ଥୁକ ମାଡ ମାରିବାରୁ ଗୁରୁତର ଅବସ୍ଥାରେ ବାବାଜୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଭତ୍ତା ହିତାଧିକାରୀ ଭତ୍ତା ନପାଇବାରୁ ଅସନ୍ତୋଷ

କେନ୍ଦ୍ରାପଡା (ପିଏନ୍): ଭତ୍ତାହିତାଧିକାରୀ ମାନେ ଭତ୍ତା ନପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ଯୋଜନା ଅନୁଯାୟୀ ପ୍ରତ୍ୟେକ ମାସର ୧୫ ତାରିଖରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ହିତାଧିକାରୀମାନେ ସେମାନଙ୍କ ଭତ୍ତା ପାଇଥାନ୍ତି । କିନ୍ତୁ କେନ୍ଦ୍ରାପଡା ପୌରାଞ୍ଚଳରେ ଚଳିତ ମାସର ୧୫ତାରିଖରେ ଭତ୍ତା ହିତାଧିକାରୀମାନେ ଭତ୍ତା ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି ।




# କେନ୍ଦୁଝର ଢେକିଂକୋଟ୍ ରେ କାଳ ବୈଶାଖୀ ବଜ୍ରପାତ,ଜଣେ ଶିଶୁ ଓ ୨ ମହିଳା ସମେତ ୩ ମୃତ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ଢେକିଂକୋଟ ଅଚଂଳରେ ବଜ୍ରପାତ ଘଟି ଜଣେ ଶିଶୁ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି। ଶୁକ୍ରବାର ଅପରାହ୍ନରେ ଘଟଗାଁ ବ୍ଲକର ଢେକିଂକୋଟ ଅଚଂଳରେ କାଳ ବୈଶାଖୀ ଝଡ ବର୍ଷା ସହିତ ବଜ୍ରପାତ ହୋଇଥିଲା ଫଳରେ ଏଭଳି ଦୁଃଖଦଃ ଘଟଣା ଘଟିଛି। ସୂଚନା ଅନୁସାରେ ଢେକିଂକୋଟ୍ ପଚାଂୟତ କୁଦରବେଡା ସାହି ପଡିଆରେ ତମ୍ବୁମାରି କେତେକ ଯାଯାବର ଲୋକ ରହୁଥିଲେ। ଶୁକ୍ରବାର ସେମାନଙ୍କର ଏକ ବାର୍ଷିକ ପୂଜା କାର୍ଯ୍ୟକ୍ରମ ଥିଲା। ତେଣୁ ପୂଜା ପାଠ ସାରି ସମସ୍ତେ ଖୁସି ମନାଉଥିଲେ। ମୃତକ ମାନେ ଏକ ଗଛମୂଳରେ ବସି କାହା ସହିତ ଫୋନରେ କଥା ହେଉଥିଲେ। ଏଭଳି ସମୟରେ ଅପରାହ୍ନରେ ହଠାତ୍ କାଳ ବୈଶାଖୀ ଝଡ ବର୍ଷା ସହିତ ଗଛମୂଳରେ ବଜ୍ରପାତ ହୋଇଥିଲା। ଫଳରେ ସେଠାରେ ଥିବା ରାମକେଲି ଭୁସଲେ(୪୦) ଓ ଦିଲରୁଓା ପାଓାର(୫୦) ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ବର୍ଜପାତରେ ଗୁରୁତ୍ୱର ଶିଶୁ ଅଶ୍ୱନୀ ଭୋସଲେ(୩) କୁ ଡକ୍ତରଖାନା ନେବା ବାଟରେ ମୃତ୍ୟୁ ହୋଇଥିବା ଖବର ମିଳିଛି। ମୃତକମାନେ ସମସ୍ତେ ସମ୍ପର୍କୀୟ ଓ ଝାଡଖଣ୍ଡ ରାଜ୍ୟର ରାଂଚିରେ ବୋଲି ସୂଚନା ମିଳିଛି। ଖବର ପାଇ ଢେକିଂକୋଟ୍ ଫାଣ୍ଡି ଅଧିକାରୀ ଇଶ୍ୱର ପ୍ରଧାନ,ଘଟଗାଁ ଥାନାର ମାନସ ବେହେରା କଂ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛନ୍ତି। ଏବାବଦରେ ଘଟଗାଁ ଥାନା କେଶ୍ ନଂ ୧୭/୨୦୨୧ ଏକ ଅପମୃତ୍ୟୁ ମାମଲା ରୁଜୁକରାଯାଇ ତଦନ୍ତ ଜାରି ଥିବା ଢେକିଂକୋଟ ଫାଣ୍ଡି ଅଧିକାରୀ କହିଛନ୍ତି। ଘଟଣାଟି ଅଚଂଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ପୁଣି ଥରେ ସ୍କୁଲ ଗୃହକୁ ସଙ୍ଗରୋଧ କେନ୍ଦ୍ର କରିବାକୁ ରାଜ୍ୟ ସରକାରଙ୍କୁ ଦାବି

ଆନନ୍ଦପୁର: ସାମ୍ପ୍ରତିକ ପରିସ୍ଥିତିରେ ଗତବର୍ଷ ଭଳି ସଙ୍ଗରୋଧ କେନ୍ଦ୍ର କରିବାକୁ ଗୁରୁତ୍ୱ ନ ଦେବାରୁ ଆଜି ଯଦି ପରିବାରରୁ ଜଣେ କରୋନା ଆକ୍ରାନ୍ତ ହେଉଛି ତାହେଲେ ଘର ଲୋକମାନଙ୍କର ରୁମ୍ ଅଭାବ ଯୋଗୁଁ ସାମାଜିକ ଦୂରତ୍ୱ ରକ୍ଷା ନକରିପାରି ପ୍ରଥମେ ପରିବାର ତା ପରେ ଧୀରେ ଧୀରେ ସାମାଜକୁ ସଂକ୍ରମଣ ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଥିବା ସମସ୍ତ ସ୍କୁଲ ଗୃହକୁ ପୁଣି ବ୍ୟବହାର ଉପଯୋଗି କରିବାକୁ ଜିଲ୍ଲା ବିଜେପି ସମ୍ପାଦକ ଦୀପକ ଜେନା ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ଆକାଶ ସାହୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ରାଜ୍ୟ ସରକାରଙ୍କୁ ଅନୁରୋଧ କରି ଏହା ଉପରେ ଗୁରୁତ୍ୱ ଦେବାକୁ ଦାବି କରିଥିଲେ ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ୨୫ ୟୁନିଟ ରକ୍ତ ସଂଗୃହିତ

କେନ୍ଦୁଝର:୨୧/୫:(ଆ.ପ୍ର.) କରୋନା ସମୟରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଘୋର ଅଭାବ ରହିଥିବାବେଳେ ବିଜୁ ଛାତ୍ର ଜନତାଦଳ ଓ ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପରସରରେ ଏକ ରକ୍ତଦାନ ଶିବିର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୋଟ ୨୫ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଛାତ୍ର ବିଜୁ ଜନତାଦଳର ରାଜ୍ୟ ସଭାପତି ତଥା ତଥା ବାଙ୍କି ବିଧାୟକ ଦେବୀ ରନ ତ୍ରୀପାଠୀ,କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ,ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର,ଜିଲ୍ଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନ କୁମାର ବେଜ,ଓଡିଶା ମୋ ପରିବାରର ଜିଲ୍ଲା ସଂଯୋଜକ ପ୍ରଦୀପ ସାହୁ ଅତିଥିଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କରୋନା ସଙ୍କଟ ସମୟରେ ଏହି ବ୍ଲଡ କ୍ୟାମ୍ପ ବେଶ ଉପଯୋଗୀ ହେବ ବୋଲି କହିବା ସହ ଏହି ସମୟରେ ଅଧିକରୁ ଅଧିକ କ୍ୟାମ୍ପ ଆୟୋଜନ କରିବାକୁ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ କହିଥିଲେ। ପ୍ରସୂତି ମହିଳା,ଦୁର୍ଘଟଣାର ଶୀକାର ହୋଇଥିବା ଲୋକ,ସିକିଲସେଲ, ଥାଲାସେମିଆ ରୋଗୀଙ୍କ ପାଇଁ ବହୁଳ ପରିମାଣର ରକ୍ତର ଆବଶ୍ୟକତା ରହିଥିବାବେଳେ ବ୍ଲଡ ବ୍ୟାଙ୍କ ଷ୍ଟକରେ ମାତ୍ର ୩୦ ୟୁନିଟ ରକ୍ତ ରହିଛି। ଅନେକ ଗ୍ରୁପର ବ୍ଲଡ ନଥିବାବେଳେ ଏଠାକୁ ଆସୁଥିବା ରୋଗୀ ଅସୁବିଧାରେ ପଡୁଛନ୍ତି। ଏପରି ସମୟରେ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ବ୍ଲଡ କ୍ୟାମ୍ପ ବେଶ ଉପଯୋଗୀ ହେବ। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଜିଲ୍ଲା ସଭାପତି ଅବିନାଶ ପଟ୍ଟନାୟକ,ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ,ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରନ ରାଉତ,ଛାତ୍ରର ବିଜେଡି ଡିଜିଟାଲ ସମ୍ପାଦକ ଅନ୍ତର୍ଯ୍ୟାମୀ ପ୍ରଧାନ,ପପୁ ଯାଦବ,ଅଭିଲାସ ବାନାର୍ଜୀ,ଅଂଶୁମାନ ଚକ୍ରବର୍ତ୍ତୀ, ଶିବାନନ୍ଦ ବେହେରା,ପଟେଲ ବେହେରା,ରାଜୀବ ଲୋଚନ ପାତ୍ର,ଗିରିଧାରୀ ସାହୁ,ଦେବାଶିଷ ମିଶ୍ର,ଚିତ୍ତରନ ମହାକୁଡ,ଅମ୍ଳାନ ପରିଜା,ଯୁଧିଷ୍ଠିର ପଲେଇ,ରିତ ବାରିକ,କୃଷ୍ଣକାନ୍ତ ସିଂ,ସଫିକ୍ ଖାନ,ଦୀପଙ୍କର ପରିଡା,ବିପ୍ଳବ ପୃଷ୍ଟି,ଅଙ୍କିତା ସାହୁ,ବେବିନା ଆପଟ୍ଟ,ଶୁଭଲକ୍ଷ୍ମୀ ପଣ୍ଡା,ସୋମନାଥ ସାହୁ ପ୍ରମୁଖ ରକ୍ତଦାନ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେନ୍ଦୁଝର ରକ୍ତଭଣ୍ଡାର ଡାକ୍ତର ରମାକାନ୍ତ ମୁଣ୍ଡା,ଜନସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସାହୁ,ଲ୍ୟାବ ଟେକନିସିଆନ ଭାଗିରଥି ମହାନ୍ତ,ସହାୟକ ବେଣୁଧର ନାୟକ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବ ସମୟରେ ଏହି ପରି ରକ୍ତଦାନ ଶିବିର ପ୍ରତି ୧୫ ଦିନରେ ଥରେ କରାଯିବ ବୋଲି ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମୋ ଭଉଣୀ ଆତ୍ମହତ୍ୟା କରି ନାହିଁ, ତାକୁ ଆତ୍ମହତ୍ୟା ପାଇଁ ବାଧ କରାଯାଇଛି ଅଥବା ହତ୍ୟା କରାଯାଇଛି- ଭଉଣୀ ହିମାନୀ ଦାସ

ବାରିପଦା: ମୋ ଭଉଣୀ ଏକତା ଦାସ ମାନସିକ ସ୍ତରରେ ବହୁତ ସୁଦୃଢ଼ । ସେ କଦାପି ଆତ୍ମହତ୍ୟା କରିନଥିବ । ତାକୁ ଆତ୍ମହତ୍ୟା କରିବାକୁ ବାଧ କରାଯାଇଥିବ ଅଥବା ହତ୍ୟା କରାଯାଇଥିବ । ଏଥି ସହିତ ଭଉଣୀ ବ୍ୟବହାର କରୁଥିବା ମୋବାଇଲର କୌଣସି ସନ୍ଧାନ ମିଳିପାରୁ ନାହିଁ। ପୁଲିସ ଉକ୍ତ ମୋବାଇଲକୁ ଜବତ କରିପାରିଲେ ପ୍ରକୃତ ଘଟଣା ଆପେ ଆପେ ବାହାରକୁ ଆସିଯିବ ବୋଲି କହିଛନ୍ତି ହିମାନୀ ଦାସ । ସେହିପରି ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧ ଅମ୍ବିକାସାହିର ହିମାନୀ ଦାସ ବାରିପଦା ଟାଉନ ଥାନାରେ କରିଥିବା ଅଭିଯୋଗ ଆଧାରରେ, ତାଙ୍କ ଭଉଣୀ ଏକତା ଦାସ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରିବା ସହ ଟିଉସନ କରି ପରିବାର ଚଳାଇଥାନ୍ତି। ଆଜି ମଧ୍ୟାହ୍ନ ୧୨.୨୫ ମିନିଟ ସମୟରେ ଏକତା ନିଜର ଉତରୀୟରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବାର କାର୍ଯ୍ୟାଳୟରୁ ଖବର ପହଁଚିବା ପରେ ପରିବାରର ସଦସ୍ୟମାନେ ସେଠାରେ ପହଁଚିଥିଲେ। ଏହି ସମୟରେ ଭଉଣୀ ଏକତାର ମୃତ ଶରୀର ଏକ ଖଟ ଉପରେ ଶୋଇଥିବାର ଦେଖିବାକୁ ପାଇଥିଲେ । କାର୍ଯ୍ୟାଳୟର ଟିଟୁ ଭାଇଙ୍କ ନିକଟରୁ ଜାଣିବାକୁ ପାଇଥିଲେ ଯେ ସେ ତା ଚୁନରିରେ ଆତ୍ମହତ୍ୟା କରିଛି। ତାକୁ ବହୁ କଷ୍ଟରେ ତଳକୁ ଉହ୍ଲାଇ ଖଟରେ ଶୋଆଇ ଦେଇଛନ୍ତି ଏବଂ ଏକ ସୁଇସାଇଡ଼ ନୋଟ ପାଇଛନ୍ତି । ଯେଉଁଥିରେ ସେ ଦେବାଶିଷ ସିଂହବାବୁଙ୍କ ନିମନ୍ତେ ଏହି ପ୍ରକାରର ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି ବୋଲି ଲେଖା ରହିଛି। ଏହି ସମୟରେ ଏକତା ବ୍ୟବହାର କରୁଥିବା ମୋବାଇଲର କୌଣସି ସନ୍ଧାନ ମିଳିପାରିନଥିଲା । ମୋବାଇଲକୁ ରିଂ କରିବାରୁ ତାହା ସୁଇଚ ଅଫ ରହିଥିବାର ଜଣାପଡ଼ିଥିଲା ।ଏକତା ଦାସ ଆଜି ପୂର୍ବାହ୍ନରେ ଘରୋଇ ଟିଉସନ ଶେଷ କରି ଅଫିସକୁ ଆସିଥିଲା । ଟିଉସନ କରିବାକୁ ଯାଇଥିବା ସମୟରେ ସେଠାରେ ଏକତା ନିକଟରେ କୌଣସି ପ୍ରକାରର ପରିବର୍ତନ ଦେଖିବାକୁ ପାଇନଥିଲେ। ପ୍ରତ୍ୟେକ ଦିନ ଯେପରି ଆସି ପିଲାକୁ ପଢ଼ାଇଥାନ୍ତି ଠିକ୍ ସେହିପରି ଆଜି ମଧ ହସ ହସ ମୁହଁରେ ଆସି ପିଲାକୁ ପାଠ ପଢ଼ାଇଥିଲେ ବୋଲି ଟିଉସନ କରୁଥିବା ଘରର ମାଲିକ ପ୍ରକାଶ କରିଛନ୍ତି ।ଏଠାରେ ପ୍ରଶ୍ନ ଉଠୁଛି, ଯଦି ଏକତା ଦାସ ନିଜର ଚୁନରୀରେ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ, ତେବେ ପୁଲିସକୁ ଖବର ନ ଦେଇ ଶବ ତଳକୁ ଉହ୍ଲାଇଲା କିଏ ଏବଂ ସେ ବ୍ୟବହାର କରୁଥିବା ମୋବାଇଲ କାର୍ଯ୍ୟାଳୟ ଭିତରୁ କେଉଁଆଡ଼େ ଗଲା। ପୁଣି ମୋବାଇଲର ସୁଇଚକୁ ଅଫ କରାଇଲା କିଏ। ପୁଣି ଶବର ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ଅନେକଗୁଡ଼ିଏ ପ୍ରଶ୍ନ ଉଙ୍କି ଉଠିଛି । ଏବିଷୟରେ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କୁହନ୍ତି, ଘଟଣାକୁ ନେଇ ଥାନାରେ ଆଇପିସି ଧାରା ୩୦୨ ଅନୁସାରେ କେଶ ନମ୍ବର ୪୮୫/୨୦୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଘରୋଇ କାର୍ଯ୍ୟାଳୟର ମାଲିକ ଟିଟୁ ଓରଫ ସପନ କୁମାରଙ୍କୁ ଥାନାରେ ଅଟକ ରଖାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିଯିବ ବୋଲି ପ୍ରକାଶ କରିଛନ୍ତି ।

# ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବାକୁ ୟୁଟିଆର ଦାବି

କେନ୍ଦୁଝର:କରୋନା ଦାଉରୁ ଜନସାଧାରଣଙ୍କୁ ରକ୍ଷାକରିବାକୁ ଜାତୀୟ ତଥା ରାଜ୍ୟସ୍ତରରେ ଡାକ୍ତର, ନର୍ସ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସାମ୍ବାଦିକ ତଥା ପୋଲିସମାନେ ନିସ୍ୱାର୍ଥପରଭାବେ ନିଜ ନିଜ କାର୍ଯ୍ୟରେ ଲାଗିପଡିଥିବାରୁ ମିଳିତ ଶିକ୍ଷକ ଓ କର୍ମଚ଼ାରୀ ସଂଘ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ସେମାନଙ୍କ ପାଇଁ ଆଜି ଦେଶ ଗର୍ବିତ । ଯେଉଁମାନେ ଆଜି କରୋନା ଯୋଦ୍ଧା ସେମାନଙ୍କ ପଛରେ ରହିଛି ଶିକ୍ଷକମାନଙ୍କର ପ୍ରେରଣା । ଶିକ୍ଷାଦାନ ସହିତ ଜାତୀୟସ୍ତରରେ ବିଭିନ୍ନକାର୍ଯ୍ୟ ଯଥା ନିର୍ବାଚନ, ଜନଗଣନା, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ବିଦ୍ୟାଳୟଗୃହ ନିର୍ମାଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ତଥା ରାଜ୍ୟସ୍ତରରେଭତ୍ତା ବଣ୍ଟନ, ଛାତ୍ରଛାତ୍ରୀମାନଙ୍କୁ ଜାତିଗତ ପ୍ରମାଣ ପତ୍ର ବଣ୍ଟନ ଇତ୍ୟାଦି ବିଭିନ୍ନ କାର୍ଯ୍ୟରେ ଶିକ୍ଷକମାନେ ନିଯୁକ୍ତ ହେଉଛନ୍ତି । ଜାତୀୟ ନିୟମାନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ତୁଲାଉଥିବା ସମୟରେ କୌଣସି ଶିକ୍ଷକବାକର୍ମଚ଼ାରୀ ମୃତ୍ୟୁବରଣ କଲେ ତାଙ୍କର ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ୨୦୨୦ ମସିହାରୁ ଭାରତରେ ଆରମ୍ଭ ହୋଇଥିବା ମହାମାରୀ କରୋନା ପାଇଁ ଉପରୋକ୍ତ କର୍ମଚ଼ାରୀମାନଙ୍କ ସହିତ ଏହି ପ୍ରେରଣାଦାୟୀ ଶିକ୍ଷକମାନଙ୍କୁ ମଧ ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଶିକ୍ଷକମାନେ ମାଲକାନ୍‌ଗିରି ସୀମାରେ ପ୍ରବାସୀମାନଙ୍କର ଥର୍ମାଲ ଟେଷ୍ଟିଂ ଓ ପୀକରଣ, ବାଲେଶ୍ୱର ରେଳ ଷ୍ଟେସନରେ ମଧ ରେଳ ଯାତ୍ରୀମାନଙ୍କର ଥର୍ମାଲଟେଷ୍ଟିଂ ତଥା ଅନ୍ୟ ସମସ୍ତ ଜିଲ୍ଲାରେ କୋଭିଡସର୍ଭେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅଦ୍ୟାବଧି ରାଜ୍ୟରେ ଶତାଧିକ ଶିକ୍ଷକ ଉକ୍ତ ଦାୟିତ୍ୱ ତୁଲାଉଥିବା ସମୟରେ ମୃତ୍ୟୁବରଣ କଲେଣି । ତେଣୁ ଜାତୀୟସ୍ତରରେ ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉପରଲିଖିତ କର୍ମଚ଼ାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଇଥିଲେ ମଧ ପ୍ରେରଣାଦାୟୀ ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରାନଯିବା ୟୁଟିଆ ସଂଗଠନକୁ ହତ୍‌ବାକ କରିଛି। କର୍ଣ୍ଣାଟକ ସରକାର ଗତ ମେ ୧୯ ତାରିଖରେ ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିବାରୁ ୟୁଟିଆ ସଂଗଠନ ତାକୁ ସ୍ୱାଗତ କରିଛି। ତେଣୁ ମିଳିତ ଶିକ୍ଷକ ଓ କର୍ମଚ଼ାରୀ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମକେଶରୀ ବର୍ମା, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ, ଉପ ସଭାପତି ଅର୍ଜ୍ଜୁନ ଚରଣ ବିଶ୍ୱାଳ, ରାଜ୍ୟ ସଂଗଠନ ମୁଖ୍ୟ ସମ୍ପାଦକ ଦେବେନ୍ଦ୍ର ମହାନ୍ତି ଏବଂ ଜିଲ୍ଲା ତଥା ରାଜ୍ୟର ୟୁଟିଆର ଅନ୍ୟ କାର୍ଯ୍ୟକର୍ତ୍ତାଗଣ ଶିକ୍ଷକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହିତ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ଟିକାକରଣ କରାଯିବାକୁ ରାଜ୍ୟସରକାରଙ୍କ ଠାରେ ଦୃଢ ଦାବୀ ଉପସ୍ଥାପନ କରିଛନ୍ତି । ଏହାର ବ୍ୟତିକ୍ରମ ହେଲେ ଆଗାମୀ ଦିନମାନଙ୍କରେ ସଂଘ ଶାନ୍ତପୂର୍ଣ୍ଣଭାବେ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

### ମଦ ନୁହେଁ ଏଣିକି ଘରେ ଘରେ ପହଞ୍ଚିବ କ୍ଷୀର

ଆନନ୍ଦପୁର: କରୋନା ମହାମାରୀର ଦ୍ୱିତୀୟ ଲହରରେ ସଂକ୍ରମଣ ବୃଦ୍ଧି ବହୁମାତ୍ରାରେ ହେଉଥିବାରୁ ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ କରାଯାଇଛି । ଏହି ଲକଡାଉନ୍ ଏବଂ ସଟଡାଉନରେ ଲୋକମାନେ ଘରେ ରହୁଥିବା ବେଳେ ଆନନ୍ଦପୁର ଯୁବଗୋଷ୍ଠୀ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ଅର୍କଶ ମାର୍କେଟ୍ ପ୍ଲେସ୍ ସହଯୋଗରେ ଆନନ୍ଦପୁର ଯୁବଗୋଷ୍ଠୀ ଲୋକମାନଙ୍କୁ ସେମାନଙ୍କ ଘରେ ନିଶୁଳ୍କ ହୋମ୍ ଡେଲିଭରିରେ କ୍ଷୀର ଯୋଗାଣ ଶୁଭାରମ୍ଭ କରିଛନ୍ତି । ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମା ଦତ୍ତ ଏବଂ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ଏଥିପାଇଁ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରାଇଛନ୍ତି। ଆନନ୍ଦପୁର ପୌରାଞ୍ଚଳର ଲୋକମାନେ ୮୦୧୮୫୪୬୭୦କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ମେସେଜ କରି କ୍ଷୀର ମଗାଇ ପାରିବେ । ଏହାଦ୍ୱାରା ଏପରି ଏକ ମହାମାରୀ ସମୟରେ ଲୋକଙ୍କୁ କ୍ଷୀର ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ମଧ ଘରୁ ବାହାରକୁ ବାହାରିବାକୁ ପଡିବନି । ବର୍ତ୍ତମାନ ଏହାର ସେବା ଆନନ୍ଦପୁର ପୌରାଞ୍ଚଳରେ ସୀମିତ ୱାର୍ଡରେ ଉପଲବ୍ଧ ହୋଇଛି ବହୁତ ଶୀଘ୍ର ଏହା ସମସ୍ତ ପୌରାଞ୍ଚଳରେ ଉପଲବ୍ଧ ହେବାର ଆଶା କରାଯାଉଛି ।

# ଚିହ୍ନଟ ହେଲେ ୧୩୪ ଆକ୍ରାନ୍ତ, ସୁସ୍ଥ ହେଲେ ୨୫୦

ଭଦ୍ରକ: ଜିଲ୍ଲାରୁ ଆଉ ନୂଆ କରୋନା ଆକ୍ରାନ୍ତ ୧୩୪ଜଣ ଚିହ୍ନଟ ହୋଇଛନ୍ତି। ହେଲେ ଏହି ସମୟ ମଧରେ ୨୫୦ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣା ଯାଇଛି। ଯାହା ଫଳରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ ୧୩ହଜାର ୫୭୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ବେଳେ ମୋଟ ସୁସ୍ଥ ହୋଇଛନ୍ତି ୧୦ହଜାର ୫୩୭ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୩୦୦୨। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧରେ ବାସୁଦେବପୁର ବ୍ଲକର ଅରଣ୍ଡୁଆ, ବାଲିମୁଣ୍ଡା, ବିନାୟକପୁର, ଚୁଡାମଣି, ପଦ୍ମପୁର, ଲକ୍ଷ୍ମୀଦାସପୁର, ଏସ.ଏନ.ପୁରରୁ ମୋଟ ୭ଜଣ। ଚାନ୍ଦବାଲି ଏନ୍‌ଏସିର ୨, ୩,୫,୯ ନଂ ୱାର୍ଡରୁ ମୋଟ ୪ଜଣ, ବାସୁଦେବପୁର ପୌରପାଳିକାର ୩ନଂ ୱାର୍ଡରୁ ଜଣେ, ଧାମନଗର ଏନ୍‌ଏସିର ୧୧ନଂ ୱାର୍ଡ ଓ ଖଡିପଦା ଗ୍ରାମରୁ ମୋଟ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ବ୍ଲକର ବିଜୟନଗର, ଭୁଇଁବୃତି, ବାଲିପାଟଣା, ମତୋ, ହରିପୁର ଗ୍ରାମରୁ ୮ଜଣ, ତିହିଡ଼ି ବ୍ଲକର ମହରମପୁର, ଅଚକ, ବାମନବିନ୍ଧା, ବାରୋ, ବିଲଣା, ଫତେପୁର, ମାନସାହାଣି, କାଳିମେଘା, ସିନ୍ଦୋଳ ଗ୍ରାମରୁ ମୋଟ୧୦ଜଣ, ଭଣ୍ଡାରିପୋଖରୀ ବ୍ଲକର ଅଙ୍ଗାରଗଡ଼ିଆ, ଦକ୍ଷିଣବାଡ, ମହୁଲିଆସାହି, ନାମଗଡ଼ିଆ, ନେରଡା, ପାଟୁଳି, ରାଜେନ୍ଦ୍ରପୁର, ନାରାୟଣପୁର, ଉରଗଡ଼ିଆ ଆଦି ଗ୍ରାମରୁ ୨୦ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ଜଗନ୍ନାଥପୁର, ଅପର୍ବିନ୍ଧା, କୁଆଁସ, ନୂଆବଜାର, ଗବସାହି, ମାଧବନଗର ଆଦି ଅଂଚଳରୁ ୧୩ଜଣ, ବନ୍ତ ବ୍ଲକର ଆଡିଆ, କୁମ୍ଭକରାଳ, ରାଉତରାପୁର, ବଡମହିଷିଗୋଠ, ବଡବର୍ଦ୍ଧିକୟାଁ, ମହାନ୍ତିପଡା, ପୁରୁଷଣ୍ଡ, ବିରିଡି, ଗୋବିନ୍ଦପୁର, ନହୁଆ ଆଦି ଗ୍ରାମରୁ ୧୯ଜଣ, ଭଦ୍ରକ ବ୍ଲକର ବାଣିତିଆ, ସାମରାଇପୁର, ଗେଲଟୁଆ, ତୁମ୍ବାପଦି, ରମ୍ଭିଳା, ସାବରଙ୍ଗ, ସମିଆ ଗ୍ରାମରୁ ମୋଟ ୧୪ଜଣ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ଆର.ଡି.ପୁରରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଓ ସିମୁଳିଆ ବ୍ଲକ ଅଂଚଳରୁ ୮ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାର ୨୫ଜଣ ଭଦ୍ରକ ଜିଲ୍ଲା ବାହାରେ ବିଭିନ୍ନ ହସ୍‌ପିଟାଲରୁ ୨୫ଜଣ ଚିହ୍ନଟ ହୋଇଛନ୍ତି।

# ବାଲି ଗାଡିକୁ ରାସ୍ତାରେ ଅଟକାଇଲେ ଗ୍ରାମବାସୀ

କୋରାଇ: ବୈତରଣୀ ନଦୀର କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ଶାଳବା ବାଲିଘାଟକୁ ବ୍ୟାସନଗର ତହସିଲ ନିଲାମ କରିଛି। ହେଲେ ବାଲିଘାଟ ଲିଜ ଧାରୀ ସରକାରୀ ନିୟମକୁ ଉଲଘଂନ କରି ମେସିନ ଦ୍ୱାରା ବାଲି ଉତୋଳନ କରିବା ସହ ଭାରିଯାନଗୁଡିକରେ ବାଲି ଲୋଡ କରି ପଠାଉଛି । ଯାହା ଶାଳବା ଗ୍ରାମ ଉନ୍ନୟନ ବିଭଗ ରାସ୍ତା ଦେଇ ସରସଦା ଗ୍ରାମ ନିକଟରୁ ଜଳସେଚନ ବିଭାଗ ରାସ୍ତା ଦେଇ ରାଜପଥକୁ ଉଠିଥାଏ। ଭାରଯାନ ଲୋଡ ଦେବା ଓ ରାତି ଅଧିଆ ହାଇୱାରେ ବାଲି ଲୋଡ ଦେବା ଫଳରେ ରାସ୍ତା ଭାଙ୍ଗି ଚୁରମାର ହୋଇଛି। ଯାହାକୁ ଶାଳବା ଓ ସରସଦା ଗ୍ରାମବାସୀ ବିରୋଧ କରିଛନ୍ତି। ଫଳରେ ଶାଳବା ରାସ୍ତାରେ ୫ଟି ଟିପରକୁ( ଓଡି୦୯ଏଚ ୮୧୬୯, ଓଆର୧୬ସି ୩୧୦୯, ଓଡି୦୯ବି ୯୦୮୦, ଓଡି୧୧ଏଚ୨୧୪୦, ଓଆ୦୯ସି ୯୬୩୬) ବୁଧବାର ରାତ୍ରୀରୁ ଲୋକମାନଙ୍କ ଦ୍ୱାରା ଅଟକ ରଖାଯାଇଛି। ଛୋଟଗାଡି ବା ଟ୍ରାକ୍ଟର ଲୋଡକୁ ଗ୍ରାମବାସୀ ଅନୁମତି ଦେଇଥିବା ବେଳେ ଭାରିଯାନକୁ ବିରୋଧ କରିଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ ଭାରଯାନ ଚଳାଚଳ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି । ହେଲେ ଅଟକ ଗାଡିଗୁଡିକୁ ଗ୍ରାମବାସୀ ଛାଡିନଥିବା ବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ସେଠାରେ କେହି ପହଂଚିନାହାନ୍ତି

# ବଣ୍ଡା ଘାଟିରେ ଜିଲ୍ଲାପାଳଙ୍କ ଅଦାଲତ

ମାଲକାନଗିରି :ବଣ୍ଡାଘାଟି ରେ ଜିଲ୍ଲାପାଳ ଙ୍କ ଅଦାଲତ।ଏଭଳି କଥା ଆମେ ଏଥିପାଇଁ କହୁଛୁ।କରୋନା ଭୁତାଣୁ ବଣ୍ଡାଘାଟି ରେ ପହଂଚିବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ବଣ୍ଡାଘାଟିରେ ପହଂଚିଥିଲେ ମାଲକାନଗିରି ଜିଲ୍ଲାପାଳ ଯେଦୁଲା ବିଜୟ ।ହେଲେ କରୋନା କଣ ଅନ୍ୟାନ୍ୟ ଅସୁବିଧା ଦେଖି ବିଚଳିତ ହେଲେ ଏବଂ ବିଡିଓ ଙ୍କୁ ତାଗିଦ କଲେ।ଏବଂ ବଣ୍ଡାଜନଜାତି ଙ୍କ ଗୋଟିଏ ପରେ ଗୋଟିଏ ସୁବିଧା ପାଇଁ ପ୍ରତିଶ୍ରୁତି ଦେଲେ । ପରେ ଚାଲିଲା ଜିଲ୍ଲାପାଳ ଙ୍କ ବଣ୍ଡାଘାଟି ରେ ଅଦାଲତ।ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟି।୨ ଟି ପଂଚାୟତ ଅଣ୍ଡରାହାଲ ଓ ମୁଦୁଲି ପଡା ର ୩୨ ଟି ଗାଁ ରେ ପାଖାପାଖି ୭ ହଜାର ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି।ଲକଡାଉନ ପରେ ସ୍ଥାନୀୟ ଅଂଚଳରେ ସାପ୍ତାହିକ ହାଟ ବନ୍ଦ ହେବା ପରେ ଅନ୍ୟ ଜିଲ୍ଲା ତଥା କୋରାପୁଟ ଜିଲ୍ଲା ର ଅନକାଡେଲି ହାଟ ଉପରେ ଏମାନେ ନିର୍ଭରଶୀଳ ହେଲେ, ସେଠାକୁ ଆନ୍ଧ୍ର ରୁ ଲୋକେ ଆସୁଥିବାରୁ ସେଠାରୁ ୧୨ଜଣ କରୋନା ରୋଗୀ ଚିହ୍ନଟ ହେଲେ।ସେଥିପାଇଁ ସ୍ଥିତି ଅନୁଧ୍ୟାନ କରିବା କୁ ବଣ୍ଡାଘାଟି ପହଂଚିଥିଲେ ଜିଲ୍ଲାପାଳ ଯେଦୁଲା ବିଜୟ।ଦାନ୍ତିପଡା ଯାଇ ସେଠାରେ କରୋନା ର ସ୍ଥିତି କିଭଳି ରହିଛି ତାହା ର ଅନୁଧ୍ୟାନ କରିଥିଲେ। ପରିଶେଷ ରେ ଜିଲ୍ଲାପାଳ କହିଲେ ଆପଣ ମାନଙ୍କ ଅନ୍ୟ କଣ ଅସୁବିଧା ରହିଛି ମତେ କୁହ।ଆଉ ସେଠାରୁ ଆରମ୍ଭ ହୋଇଯାଇଥିଲା ଜିଲ୍ଲାପାଳ ଙ୍କ ଅଦାଲତ। ସେଠାରେ କରୋନା ଠୁ ଅଧିକ କଷ୍ଟ ଦେଉଥିଲା ସେମାନଙ୍କୁ ମିଳୁନଥିବା ମୌଳିକ ସୁବିଧା।ଆଉ ଗୋଟିଏ ଛୋଟିଆ ଝିଅ ସୁକାନ୍ତି ମୁଦୁଲି ବଖା ଣିଲା ଗାଁ ର ଦୁର୍ଦ୍ଦଶା ଓ ଦୁର୍ବିସ ରେ ବିତାଉଥିବା ଗ୍ରାମବାସୀଙ୍କ କଥା । ଗାଁ ରେ ୭୦ ରୁ ଅଧିକ ଘର ରହିଛି ହେଲେ ଗାଁ ରେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ନାହିଁ ଗାଁ ରେ ଗୋଟିଏ ନଳକୂପ ଅଛି ତାହା ବି ଅଚଳ।ଗାଁ ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ବହୁ ବର୍ଷ ହେବ ହେଉନାହିଁ।ଏବଂ ସବୁଠୁ ବଡ଼ ଅଭିଯୋଗ ହେଉଛି କିଛି ଲୋକ ଏବେ ବି କୁଲି କାର୍ଡ,ବାର୍ଦ୍ଧକ୍ୟ ଭତ୍ତା ଏବଂ ଅନ୍ୟାନ୍ୟ ଯୋଜନା ରେ ସାମିଲ ହୋଇନାହାନ୍ତି।ଏବଂ ଯେଉଁ ଚାଉଳ ଏମାନଙ୍କୁ ଦିଆଯାଉଛି ତାହା ନିକିତି ରେ ଏମାନଙ୍କୁ ବାଟବଣା କରାଯାଉଛି।ଏ ସବୁ ଦେଖି ବ୍ୟତିଥ ହୋଇଯାଇଥିଲେ ଜିଲ୍ଲାପାଳ।ଏବଂ ଖଇରପୁଟ ବିଡିଓ ଙ୍କ ଉପରେ ବିଗିଡି ଥିଲେ ମଧ।ଏବଂ ପରେ ସେସବୁ ସମସ୍ୟା ର ସମାଧାନ ୪୮ ଘଂଟା ଭିତରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଦୁଲିପଡା ରେ ଗୋଟିଏ ପରିବା ମାର୍କେଟ କରାଯାଉ ବୋଲି ନିର୍ଦ୍ଦେଶ ଦେବା ସହ ନିଜର ମୋବାଇଲ ନମ୍ବର ସମସ୍ତ ଗ୍ରାମବାସୀ ଙ୍କୁ ଦେଇଥିଲେ କହିଲେ ଯାହା ଅସୁବିଧା ହେଉଛି ସିଧାସଳଖ ମତେ ଯୋଗାଯୋଗ କର ସବୁ ସମସ୍ୟା ର ସମାଧାନ ମୁ ନିଜେ କରିବି।ଜିଲ୍ଲାପାଳ ଙ୍କ ଏଭଳି ବ୍ୟାଖ୍ୟା ଶୁଣି ଖୁଶି ହୋଇଯାଇଥିଲେ ବଣ୍ଡାଜନଜାତି କାରଣ ପୂର୍ବରୁ କୌଣସି ଜିଲ୍ଲାପାଳ ଏଭଳି କଥା କହିନଥିଲେ।ଏପଟେ ଜିଲ୍ଲାପାଳ କହିଛନ୍ତି ବଣ୍ଡାଘାଟି ରେ ଏବେ ସ୍ଥିତି ସେଭଳି ଅସମ୍ଭାଳ ହୋଇନାହିଁ।୧୨ ଆକ୍ରାନ୍ତ ରୁ ୪ ଜଣ ସୁସ୍ଥ ହୋଇ ଫେରିଛନ୍ତି ଆଉ ଅନ୍ୟାନ୍ୟ ସମସ୍ତ ଅସୁବିଧା ଆଗାମୀ ୪୮ ଘଂଟା ମଧ୍ୟରେ ସମାଧାନ କରାଯିବ ।

### ପ୍ରଶାସନ ଶୁଣିଲାନାହିଁ ଗ୍ରାମବାସୀ ତିଆରି କଲେ ରାସ୍ତା

ମାଲକାନଗିରି : ନିଜ ଗାଁ କୁ ଭଲ ରାସ୍ତାଟିଏ ନଥିବାରୁ ଗ୍ରାମବାସୀ ମିଶି ତିଆରି କଲେ ରାସ୍ତା । ପ୍ରଶାସନ ନ ଶୁଣିବାରୁ ନେଲେ ଏଭଳି ପଦକ୍ଷେପ । ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ସେରପାଲି ଗ୍ରାମ ପଂଚାୟତ ର ବାଲିଆଗୁଡା ଗ୍ରାମର ରାସ୍ତା ଅବସ୍ଥା ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ପଡ଼ିଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ସଡ଼କ ଠାରୁ ଦେଢ଼ କିଲୋମିଟର ଦୂରରେ ଥିବା ଏହି ଗାଁ କୁ ସଂଯୋଗ କରୁଥିବା ମାଟି ରାସ୍ତାଟି ଖାଲଖମାରେ ଭରି ରହିଥିବାରୁ ଯାତାୟାତ କରିବା କଷ୍ଟ ସାଧ ହୋଉଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ସରପଂଚ, ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଗୁହାରି କରିଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଇନଥିଲେ। ପାଦ ଚଲା ରାସ୍ତା ରେ ବଡ଼ ବଡ଼ ପଥର ଓ ଅନା ବନା ଗଛ ଭରି ରହିଥିବାରୁ ଚାରିଚକିଆ ଗାଡି ଯାଇ ପାରୁନଥିବାରୁ ଗୁରୁତର ରୋଗୀ ମାନେ ଆମ୍ବୁଲାନ୍ସ ସେବା ନପାଇ ବହୁ ସମୟରେ ମୃତ୍ୟ ବରଣ କରୁଥିଲେ । ବର୍ଷା ଦିନ ଆସୁଥିବାରୁ ଗ୍ରାମବାସୀ ମାନେ ଏହି ମରଣ ଯନ୍ତାରୁ କିପରି ରକ୍ଷା ପାଇବେ ସେଥି ପାଇଁ ଏକାଠି ହୋଇ ନିଷ୍ପତ୍ତି ନେଇଥିଲେ ଯେ ପ୍ରତି ପରିବାର ନିଜ ଇଚ୍ଛାରେ ଅର୍ଥ ଦାନ କରିବାସହ ପ୍ରତ୍ୟେକ ପରିବାରର ମହିଳା ଓ ପୁରୁଷ ମାନେ ଏକତ୍ରିତ ହୋଇ ଶ୍ରମଦାନ କରି ରାସ୍ତା ନିର୍ମାଣ କରିବାକୁ । ଏହି ନିଷ୍ପତି ଅନୁଯାୟୀ ଗ୍ରାମବାସୀ ମାନେ ମେସିନ ଲଗାଇ ପ୍ରଥମେ ରାସ୍ତା କାଟିବା ପରେ ଗ୍ରାମବାସୀ ମାନେ ମାଟି ପକାଇ ରାସ୍ତା ସମତଳ କରି ଦେଢ଼ କିଲୋ ମିଟର ରାସ୍ତା ନିର୍ମାଣ କରିଥିଲେ। ଏ ସମ୍ପର୍କରେ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଜୟ କୁମାର ପ୍ରଧାନ ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ପ୍ରକାଶ କରିଥିଲେ ଏପରି ଅଭିଯୋଗ ମୋ ପାଖକୁ ଆସିନାହିଁ ତେବେ ଘଟଣାର ଅନୁସନ୍ଧାନ କରାଯାଇ ଉଚିତ ପଦକ୍ଷେପ ନିଆଯିବ । ତେବେ ପ୍ରଶାସନ ଉପରେ ଭରଷା ନ କରି ନିଜ ଗ୍ରାମକୁ ରାସ୍ତା ନିର୍ମାଣ କରି ଗ୍ରାମବାସୀ ମାନେ ସାଧାରଣରେ ପ୍ରଶଂସା ର ପାତ୍ର ହୋଇଛନ୍ତି ।

# ଜୟପୁର ଘାଟିରେ ୨୫ ଫୁଟ ତଳକୁ ଖସିଲା ଗ୍ୟାସ ଟ୍ୟାଙ୍କର ଘଟଣା : ଘଟଣା ସ୍ଥଳରେ ପହଂଚିଲା ଇଆରଭି ଟିମ

ଜୟପୁର : ଜୟପୁର ଦେଇଯାଇଥିବା ଜାତିୟ ରାଜପଥ ୨୬ର କୋରାପୁଟ ଘାଟିର କାଳି ଭୈରବି ମନ୍ଦିର ନିକଟରେ ଏକ ଗ୍ୟାସ ଟେଙ୍କର ଭାରସ୍ୟାମ ହରାଇ ୨୫ ଫୁଟ ତଳୁ ଖସିପଡିଥିଲା । ଦୁର୍ଘଟଣା ଯୋଗୁଁ ଟେଙ୍କର ଡ୍ରାଇଭର ଚାପିହୋଇ ମୃତ୍ୟୁବରଣ କରିଥିବା ବେଳେ ଓଡ୍ରାଫ ଟିମ ଘଟଣା ସ୍ଥ ଳରେ ପହିଂ ଡ୍ରାଇଭରର ମୃତ୍ୟ ଦେହ ଉଦ୍ଧାର କରିଥିଲେ । ଆଜି ଗୁରୁବାର ଜିଲା ପ୍ରଶାସନର ନିଦ୍ଦେଷରେ ବିଶାଖାପାଟଣାର ଏମାରଜେନ୍ସି ରେସପନସିପ ଭେଇକେଲର ବୈଷୟିକ ଟିମ ପହଂଚି ଗ୍ୟାସ କୁ ଅନ୍ୟ ଏକ ଖାଲି ଟେଙ୍କର କୁ ସ୍ଥାନାନ୍ତ କରିବା ଆରମ୍ଭ ହୋଇଛି । ଦୀର୍ଘ ୨୪ ଘଂଟାରେ ଉଦ୍ୟମ ରେ ଗ୍ୟାସ ଖାଲି ଟେଙ୍କର ଭିତି ହେବା ଆରମ୍ଭ ହୋଇଛି। ଟ୍ୟାଙ୍କରରେ ୧୪ ଟନ ଗ୍ୟାସ ରହିଥିବା ବେଳେ ବମାନ ମାତ୍ର ୪ ଟନ ଗ୍ୟାସ ଖାଲି ଟ୍ୟାଙ୍କର ଆଣାଯାଇପାରିଛି । ପୁଣି ଶୁକ୍ରବାର ମଧ୍ୟ ଗ୍ୟାସ୍ ଖାଲି ଟ୍ୟାଙ୍କରକୁ ଆଣିବା ଉଦ୍ୟମ କରାଯିବ । ୨୫ ଫୁଟ ଉପରୁକୁ ଗ୍ୟାସ ଉଠିବା ଅସୁବିଧା ସୃଷ୍ଟି ହୋଇଥିବା ଜଣାଯାଇଛି । ଦାମାନଜୋଡି ନାଲକୋର ଏକ କ୍ରେନ, ଜୟପୁରରେ ଏକ କ୍ରେନ ନିୟୋଜିତ ହୋଇଥିବାବେଳେ ଓଡ୍ରାଫ ଟିମ ସହ ଯୋଗ କରିଥିଲା । ଘଟଣା ସ୍ଥଳରେ ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ, ଏସଡିପିଓ ଅରୁପ ଅଭିଷେକ ବେହରା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଜୟପୁର ଅଗ୍ନିସମ ଅଧିକାରି ପ୍ରଶାନ୍ତ କୁମାର ଅଧିକାରି , ଦମକଳ ବିଭାଗ, ପୋଲିସ ଉପସ୍ଥିତ ଅଛନ୍ତି । ବୁଧବାର ଘାଟି ନିକଟରେ ଏକ ଟ୍ରକ ଅଚଳ ହୋଇ ରହିଥିଲା। ସେହି ଟ୍ରକକୁ ସାଇଡ କରି ଆଙ୍କା ବଙ୍କା ଘାଟି ରାସ୍ତା ଯିବା ବେଳେ ଭାରସ୍ୟାମ ରକ୍ଷା କରି ନପାରି ଓଲଟି ପଡିଥିଲା। ଟେଙ୍କରଟି ଘାଟିର ୨୫ ଫୁଟ ତଳୁ ଖସି ପଡିଥିଲା । ଏକ ଗ୍ୟାସ ବେଝେଇ ଟ୍ୟାଙ୍କର ବିଶାଖାପାଟଣା ରୁ ରାୟପୁର ଯାଉଥିବା ବେଳେ ଭାରସ୍ୟାମ ହରାଇ ଘାଟି ତଳୁ କୁ ଟେଙ୍କର ଖସିପଡିଥିଲା। ଡ୍ରାଇଭର ଟେଙ୍କରରେ ଚାପି ହୋଇଯାଇଥିବାବେଳେ ଘଟଣାସ୍ଥଳରେ ଓଡ୍ରାଫ, ଦମକଳ ବିଭାଗ. ଆମ୍ବୁଲାନ୍ସ ପୋଲିସ ପହିଂ ଉଦ୍ଧାର କାଯ୍ୟ ଜାରି ରଖିଥିଲେ । ଓଡ୍ରାଫ ଟିମର ବହୁ ଉଦ୍ୟମରେ ଡ୍ରାଇଭରକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେପଟେ ଟେଙ୍କରରେ ଗ୍ୟାସ ଭତି ହୋଇରହିଥିବାବେଳେ ଲିକ ହେବା ଆରମ୍ଭ ହୋଇଛି। ଗରମ ଯୋଗୁଁ ବ୍ଲାଷ୍ଟ ହେବାର ଆଶଙ୍କା ଥିବାରୁ ଦମକଳ ବିଭାଗ ତରଫରୁ ଟ୍ୟାଙ୍କରେ ପାଣି ପକାଯାଇଥିଲା । ଦୁର୍ଘଟଣା ଯୋଗୁଁ କୋରାପୁଟ ଜୟପୁର ରାସ୍ତାକୁ ବନ୍ଦ କରାଯାଇଥିବା ବେଳେ କୋରାପୁଟ-ରାଣିଗଡ- ବୋରିଗୁମ୍ମା ରାସ୍ତାରେ ଗାଡି ମୋଟର ଯିବା ପାଇଁ ଜିଲାପାଳ ନିଦ୍ଦେଷ ଦେଇଛନ୍ତି। ପରବି ନିଦ୍ଦେଷ ନାମା ଯାଏ ଏହି ରାସ୍ତାରେ ଚଳ ପ୍ରଚଳ କରିବାକୁ ନିଦ୍ଦେଷ ଦେଇଛନ୍ତି । ଉଦ୍ଧାର କାଯ୍ୟ ଶେଷ ହେବା ପଯ୍ୟନ୍ତ ଜୟପୁର କୋରାପୁଟ ରାସ୍ତାରେ ଗାଡି ଚଳା ଚଳ ବନ୍ଦ ରହିବ ବୋଲି ଜିଲାପାଳ ନିଦ୍ଦେଷ ଦେଇଛନ୍ତି ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ରଥ ନିର୍ମାଣ ସମୀକ୍ଷା

ପୁରୀ: ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଅନୁକୂଳ ଓ ପରେ ପରେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲୁଅଛି । ଆଜି ପଂଚମ ଦିନରେ ରଥକାର୍ଯ୍ୟ ଆଗେଇ ଚାଲିଛି । ରଥକାଠ ଯୋଗାଣ, ସେବାୟତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଓ କଟକ ଖପୁରିଆ ସମିଲ୍ କାଠ ପଠାଇବା ସମ୍ପର୍କରେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିସନ କୁମାର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ରଥଖଳାରେ ୮୮ ଜଣ ସେବାୟତ ରଥ ନିର୍ମାଣରେ ନିଯୋଜିତ ହୋଇଛନ୍ତି । ସେଥିମଧ୍ୟରୁ ୪୦ ଜଣ ମହାରଣା, ୩୧ ଜଣ ଭୋଇ ସେବାୟତ, ୧୩ ଜଣ କମାର ସେବାୟତ ଓ ୪ ଜଣ କରିତିଆ ରହିଛନ୍ତି। ଖପୁରିଆ ସମିଲରୁ ରଥ ନିର୍ମାଣରେ ଯେଉଁ ଦିନ ଯେଉଁ କାଠ ଆବଶ୍ୟକ ହେବ ତା ପୂର୍ବରୁ ରଥଖଳା ନିକଟକୁ ଯୋଗାଇ ଦେବା ପାଇଁ ସମିଲ ସହ ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି । ନୃସିଂହ ଚତୁର୍ଦ୍ଦଶୀ ଦିନ ରଥର ଗୁଜ ଅନୁକୂଳ ହେବ । ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ରଥଯାତ୍ରାରେ ସବୁଠୁ ବଡ ସମସ୍ୟା ହେଉଛି ସେବାୟତଙ୍କ କରୋନା ସଂକ୍ରମଣ ଭୟ । ସେଥିପାଇଁ ରଥ ନିର୍ମାଣରେ ନିଯୋଜିତ ସେବାୟତଙ୍କର କରୋନା ଟେଷ୍ଟ କରାଯାଇଛି । ଏହା ସହ ଅଧିକାଂଶ ସେବାୟତଙ୍କୁ ଟୀକା ମଧ ଦିଆଯାଇଛି । କୋଭିଡ୍ ସଂକ୍ରମଣ ଭିତରେ ଯୁଗ ଯୁଗ ଧରି ଚାଲିଆସୁଥିବା ଆମ ସଂସ୍କୃତି ଓ ପରମ୍ପରା ଏବଂ ମହାପ୍ରଭୁଙ୍କର ନୀତିକାନ୍ତି ସୂଚାରୁ ରୂପେ ପରିଚାଳନା ପାଇଁ ଚେଷ୍ଟା କରାଯାଉଛି। ସବୁ କାର୍ଯ୍ୟ ମହାପ୍ରଭୁଙ୍କ ଇଚ୍ଛାରେ ଚାଲିଛି। କୋଭିଡ୍ କଟକଣା ମାନି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନର ଗାଇଡ୍ ଲାଇନ ଅନୁଯାୟୀ କାମ ଚାଲିଛି । କେତେକ ସେବକଙ୍କ କରୋନା ପରୀକ୍ଷା କରାଯାଇଛି । ସେମାନେ ଗୁଣ୍ଡିଚା ମନ୍ଦିର ଭକ୍ତ ନିବାସରେ ରହିଛନ୍ତି। ପରୀକ୍ଷାର ୪୦ ଘଂଟା ପରେ ରିପୋର୍ଟ ଆସିଲେ ନେଗେଟିଭ୍ ଥିବା ସେବାୟତମାନେ ରଥ କାର୍ଯ୍ୟ କରିବେ । ପଜେଟିଭ୍ ଥିବା ସେବାୟତମାନଙ୍କୁ କରୋନା କେୟାର ସେଂଟରରେ ରଖାଯିବ। ସେମାନଙ୍କର ସମସ୍ତ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ଦେଖାଶୁଣା କରିବ । ରଥଖଳାରେ ସାମାଜିକ ଦୂରତା ଯଥାସମ୍ଭବ ରକ୍ଷା କରାଯାଉଛି । ଗତବର୍ଷ ସେବାୟତମାନଙ୍କୁ ସମ୍ବଲପୁରୀ କପଡ଼ାରେ ମାସ୍କ ଦିଆଯାଇଥିଲା । ଏ ବର୍ଷ ଏମ-୯୫ ମାସ୍କ ଯୋଗାଇ ଦିଆଯିବ। ରଥଖଳା ଉପରେ ପ୍ରବେଶ ଉପରେ କଟକଣା ଜାରି ରହିଛି। ସାମ୍ବାଦିକମାନଙ୍କୁ ଫଟୋ ଓ ଭିଡ଼ିଓ ଠିକ୍ ସମୟରେ ଯୋଗାଇ ଦିଆଯିବ । ପ୍ରତିଦିନ ଥର୍ମାଲ ସ୍କ୍ରିନିଂ କରାଯାଉଛି। ସେବାୟତଙ୍କ ମଧ୍ୟରୁ ୮ ଜଣ ସେବାୟତ କରୋନା ପଜେଟିଭ୍ ହୋଇଛନ୍ତି । ସେଥିମଧ୍ୟରୁ ୫ ଜଣ ଭୋଇ ସେବାୟତ, ୩ ଜଣ ମହାରଣା ଅଛନ୍ତି। ସେମାନଙ୍କୁ କୋଭିଡ୍ କେୟାର ସେଂଟରରେ ରଖାଯାଇଛି । ଗଣମାଧମର ପ୍ରତିନିଧିମାନେ ସଠିକ୍ ଖବର ପ୍ରସାରଣ କରିବା ପାଇଁ ମୁଖ୍ୟ ପ୍ରଶାସକ ନିବେଦନ କରିଥିଲେ । ସବୁଠାରୁ ରଥକାର୍ଯ୍ୟରେ ନିଯୋଜିତ ମହାରଣା, ଭୋଇ ସେବାୟତ, ରୂପକାର, କମାର ଓ ଶ୍ରୀମନ୍ଦିର କର୍ମଚାରୀ ଘରଦ୍ୱାର ତ୍ୟାଗକରି ମହାପ୍ରଭୁଙ୍କୁ ଆସ୍ଥାକରି ରଥ ନିର୍ମାଣ ପାଇଁ ସମୟ ଦେଇଛନ୍ତି। ଆଜିଠାରୁ ଜିଲ୍ଲାପାଳ ସମର୍ଥ ବର୍ମା ପ୍ରତିଦିନ ରଥଖଳା ସଂପର୍କରେ ସମୀକ୍ଷା କରିବା ସହ ତଥ୍ୟ ପ୍ରଦାନ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିସନ କୁମାର ପ୍ରକାଶ କରିଥିଲେ।




Bhubaneswar Saturday May 22, 2021 ଭୁବନେଶ୍ୱର ଶନିବାର, ମଇ ୨୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଯାଜପୁର : ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କର ପବିତ୍ର ୩୦ତମ ଶ୍ରାଦ୍ଧୋତ୍ସବରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସାକାଳ ୯ ଘଟିକା ସମୟରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କର ସାଭପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସେ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଭାରତବର୍ଷର ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ବିକାଶ, ୧୮ବର୍ଷର ଯୁବକମାନଙ୍କୁ ଭୋଟଦାନର ଅଧିକାର, ଶ୍ରୀଲଙ୍କାର ଅଭ୍ୟନ୍ତରୀଣ ବିପ୍ଲବକୁ ପ୍ରତିହତ କରିବା ନିମନ୍ତେ ସେଠାକୁ ଶାନ୍ତିସେନା ପ୍ରେରଣ । ପଡୋଶୀ ରାଷ୍ଟ୍ର ମାନଙ୍କ ସହ ଉତ୍ତମ କୂଟନୈତିକ ସଂପର୍କ, ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଭାରତର ଅଗ୍ରଗତି ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ନିମନ୍ତେ ବିଶ୍ୱସ୍ତରରେ ସମୃଦ୍ଧିଶାଳୀ ରାଷ୍ଟ୍ରମାନଙ୍କ ସହ ସକାରାତ୍ମକ ଆଲୋଚନା, ମହାକାଶ ଗବେଷଣା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ, ଆର୍ଥିକ ଦୁର୍ବଳ ତଥା ଆଦିବାସୀ ଓ ହରିଜନଙ୍କ ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି, ବେକାର ଯୁବକ ଓ ଯୁବତୀ ମାନଙ୍କୁ କର୍ମନିଯୁକ୍ତି ଏବଂ ଆତ୍ମନିର୍ଭର ଶୀଳ କରାଇବା ପାଇଁ ନୂତନ ଯୋଜନା ପ୍ରଣୟନ, ଗରିବ ଓ ବାସହୀନ ନାଗରିକଙ୍କୁ ଇନ୍ଦିରା ଆବାସ ଯୋଜନାରେ ଗୃହନିର୍ମାଣ ନିମନ୍ତେ ଅନୁଦାନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିମଳ ନିମନ୍ତେ ନୂତନ ଯୋଜନା ପ୍ରଣୟନ, ଇଲେକ୍ଟ୍ରୋନିକ୍ସ ଓ ବୈଦ୍ୟୁତିକ ଶିଳ୍ପ ପ୍ରତି ପ୍ରୋତ୍ସାହନ, ଶିଳ୍ପ ଅଭିବୃଦ୍ଧି ଓ ବୈଦେଶିକ ରପ୍ତାନୀ କ୍ଷେତ୍ରରେ ରେକର୍ଡ ସୃଷ୍ଟି ପ୍ରଭୃତି ବହୁ ଉତ୍ସର୍ଗୀକୃତ ଓ ବିକାଶ ମୂଳକ କାର୍ଯ୍ୟ କରି ସମଗ୍ର ବିଶ୍ୱରେ ଭାରତବର୍ଷର ନୂତନ ପରିଚୟ ସୃଷ୍ଟି କରିଥିଲେ । ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ସାଧାରଣ ସଂପାଦକ ହୃଷିକେଶ ପତି, ଜିଲ୍ଲା କଂଗ୍ରେସ ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ଆଇନ ସେଲ୍ ସଭାପତି ନିତାଇ ଚନ୍ଦ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଆଡଭୋକେଟ୍ ଗୋବିନ୍ଦ ଚନ୍ଦ୍ର ସାହୁ, ସଂପାଦକ ବିଦ୍ୟାଧର ବାରିକ, ମିଡିଆ ସେଲ୍ ଆବାହକ ଆଦିତ୍ୟ ମହାନ୍ତି, ନକୁଳ ଦେବ ସାହୁ, ରଘୁନାଥ ସାହୁ, ଅମୂଲ୍ୟ କୁମାର ବିଶ୍ୱାଳ, ନଗର କଂଗ୍ରେସ ଉପସଭାପତି ନିକୁଞ୍ଜ ସାମଲ ଓ ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଯାଜପୁର ପୌରପାଳିକାର ୧ନଂ. ୱାର୍ଡ ହରିଜନ ସାହିରେ ଦଳିତ ଲୋକ ମାନଙ୍କୁ ମାସ୍କ, ସାନିଟାଇଜର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।

## କନ୍ଧମାଳରେ ଜିଲାରେ ନୂଆ ୧୦୧ କରୋନା ପଜିଟିଭ୍ ଚିହ୍ନଟ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କରୋନା ସଂକ୍ରମଣ ଆଜି ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୧୦୧ ଜଣ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ୧୪ ଜଣ ଏବଂ ଗ୍ରାମାଂଚଳରୁ ୩ ଜଣଙ୍କୁ ମିଶାଇ ମୋଟ ୧୭ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ୧୦ ଜଣ ଏବଂ ଗ୍ରାମାଂଚଳରୁ ୪ ଜଣଙ୍କ ସମେତ ମୋଟ୍ ୧୪ ଜଣ ରହିଥିବାବେଳେ, ଚକାପାଦର ୭ ଜଣ, ଦାରିଙ୍ଗବାଡିର ୭, ଘୁ.ଉଦୟଗିରିର ୪ ଜଣ, କ.ନୂଆଗାଁର ୩ ଜଣ, ଖଜୁରିପଡାର ୮, କୋଟଗଡର ୮ ଜଣ, ଫିରିଙ୍ଗିଆର ୫, ରାଇକିଆ ୭, ଟିକାବାଲିର ୪ ଜଣ, ତୁମୁଡିବନ୍ଧର ୧୧ ଜଣ ଏବଂ ଜିଲ୍ଲା ବାହାରେ କଳାହାଣ୍ଡି ଜିଲ୍ଲାରେ ୩ ଜଣ ଏବଂ ଅନ୍ୟ ଜିଲ୍ଲାରେ ୨ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୮,୦୯୨ ରେ ପହଂଚିଛି । ଆଜି ସୁଦ୍ଧା ଜିଲ୍ଲାରେ ମୋଟ୍ ୭,୧୯୮ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୮ ରହିଛି । ଆଉ ୮୫୬ ଜଣ ସଂକ୍ରମିତ ପୃଥକ୍ ବାସରେ ଏବଂ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି ।

# ଔଷଧ ବ୍ୟବସାୟୀଙ୍କୁ କରୋନା ଯୋଦ୍ଧା ଘୋଷଣା ନକଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ




ଭୁବନେଶ୍ୱର : ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଓଡ଼ିଶାର ୨୫ ହଜାର ସଭ୍ୟଙ୍କୁ ନେଇ ଗଠିତ । ଓଡ଼ିଶାର କୋଣ ଅନୁକୋଣରେ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବାରେ ଆମର ସଭ୍ୟମାନଙ୍କର ପ୍ରତ୍ୟକ୍ଷ ଅବଦାନକୁ ଅଗ୍ରାହ୍ୟ କରାଯାଇ ନପାରେ । ତଥାପି ଆଗଧାଡ଼ିର କରୋନା ଯୋଦ୍ଧାର ସମ୍ମାନରୁ ସେମାନେ ବଞ୍ଚିତ ।କରେନା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଔଷଧ ବ୍ୟବସାୟୀ ଦିନରାତି ସେବା ଯୋଗାଇ ଆସିଛି । ଏପରିକି ସମସ୍ତ ପ୍ରକାର ଲକ୍‌ଡାଉନ, ସଟଡାଉନ ବେଳେ ଆମର ସଭ୍ୟମାନେ ଅନବରତ ସେବା ଯୋଗାଇ ଆସିଛନ୍ତି । କୌଣସି ଔଷଧର ଅଭାବ ଯେପରି ବଜାରରେ ଅଭାବ ନରହେ, ସେଥିପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ଆମର ସଂଘ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଚେଷ୍ଟିତ ଅଛି । କରୋନା ଆରମ୍ଭରେ କୋରିୟର, ଟ୍ରାନ୍ସପୋର୍ଟ ବନ୍ଦ ଥିଲେ ମଧ୍ୟ କମ୍ପାନୀମାନଙ୍କ ସହ ଯୋଗାଯୋଗ ରକ୍ଷା କରି ଯେପରି ଆବଶ୍ୟକୀୟ ଔଷଧ ବଜାରରେ ଅଭାବ ନରହେ ସେଥିପ୍ରତି ସଜାଗ ରହି ପର୍ଯ୍ୟାପ୍ତ ପରିମାଣର ଔଷଧ ଗଚ୍ଛିତ ରଖିବା ପାଇଁ ଚେଷ୍ଟିତ ରହିଥିଲେ । ସାନିଟାଇଜର ଓ ମାସ୍କ କିପରି ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ମିଳିପାରିବ ସେଥିପାଇଁ ବ୍ରତୀ ଥିଲେ । ସରକାର ମଧ୍ୟ ଔଷଧ ବ୍ୟବସାୟକୁ ଅତି ଜରୁରୀ ଓ ଅତ୍ୟାବଶ୍ୟକ ସାମଗ୍ରୀରେ ଅନ୍ତର୍ଭୁକ୍ତ କରିଛନ୍ତି । ହେଲେ କହିବା ବାହୁଲ୍ୟ ଯେ, ଔଷଧକୁ ଅତ୍ୟାବଶ୍ୟକ ଓ ଅତି ଜରୁରୀ ଅନ୍ତର୍ଭୁକ୍ତ କରିଥିବା ବେଳେ ଔଷଧ ବ୍ୟବସାୟୀଙ୍କୁ ଏବଂ ତାଙ୍କ କର୍ମଚାରୀଙ୍କୁ ସରକାର ଅଣଦେଖା କରି ଆସିଛନ୍ତି । ଅନେକ ଦାବି ପରେ ମଧ୍ୟ କରୋନ ଯୋଦ୍ଧାର ମାନ୍ୟତା ଦେବାକୁ ସରକାର କୁଣ୍ଠିତ ।ସେବା ଯୋଗାଇବାକୁ ଅତ୍ୟନ୍ତ ଜରୁରୀ ଭାବି ସଭ୍ୟ କାର୍ଯ୍ୟରେ ଲିପ୍ତ ଥିବା ସମୟରେ ସିଧାସଳଖ କରୋନା ରୋଗୀ ବା ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ଆମର ଶତାଧିକ ସଭ୍ୟ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି । ତଥାପି ସରକାର ନୀରବଦ୍ରଷ୍ଟା ସାଜି ଆମ ଦାବିକୁ ଭ୍ରୁକ୍ଷେପ କରିନାହାଁନ୍ତି । ଏପରିକି ଅଗ୍ରାଧିକାର ଭାବରେ ଆମ ସଭ୍ୟ, କର୍ମଚାରୀ କିମ୍ବା ତାଙ୍କ ପରିବାରବର୍ଗଙ୍କୁ ଟୀକାକରଣର ବ୍ୟବସ୍ଥା କରିବା ପାଇଁ ସରକାର ନାରାଜ । ଯେଉଁଠି ସରକାରଙ୍କର ନାରା ସମସ୍ତ ଜୀବନ ଆମ ପାଇଁ ମୂଲ୍ୟବାନ, ସେଠି ଏହିପରି ଆଗଧାଡ଼ିର ଔଷଧ ବ୍ୟବସାୟ ସହିତ ଜଡ଼ିତ ଲୋକମାନଙ୍କ ଜୀବନ କଣ ସରକାରଙ୍କର ଅଲୋଡ଼ା । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପାଖରେ ବାରମ୍ବାର ଦାବୀ ରଖାଯାଇଛି । ହେଲେ ଆମ ଦାବିର ସେମିତି କିଛି ମୂଲ୍ୟ ନାହିଁ । ସରକାରଙ୍କ ଏହିସବୁ ମନୋଭାବକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି ଏବଂ ସଂଘ ସରକାରଙ୍କୁ ଚେତାଇ ଦେବାକୁ ଚାହୁଁଛି ଯଦି ସରକାର ଆମ ଦାବିକୁ ଗ୍ରହଣ ନକରନ୍ତି, ତେବେ ଆଗାମୀ ଭବିଷ୍ୟତରେ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହେବ । ଓଡ଼ିଶାର ସମସ୍ତ ୨୫୦୦୦ ସଭ୍ୟ ରାଜରାସ୍ତାକୁ ଓହ୍ଲାଇବା ସହିତ ସେବାରୁ ନିବୃତ୍ତ ରହିବ । ଆବଶ୍ୟକସ୍ଥଳେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ମଧ୍ୟ ପଛଘୁଞ୍ଚା ଦେବ ନାହିଁ । କୌଣସି ଅପ୍ରୀତିକର ପରିସ୍ଥିତ ପାଇଁ ସରକାର ଦାୟୀ ରହିବେ ବୋଲି ସଭାପତି ପି. ସତ୍ୟନାରାୟଣ କହିଛନ୍ତି । ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ଶ୍ରୀ ପ୍ରଶାନ୍ତ ମହାପାତ୍ରଙ୍କ ସହିତ କୋଷାଧକ୍ଷ ଶ୍ରୀ ଅଜୟ ଗୋୟଙ୍କା ଓ କାର୍ଯ୍ୟକାରିଣୀ ସଭାପତି ଶ୍ରୀ ଦେବଦତ୍ତ ଦାସଙ୍କ ସହିତ ଅନ୍ୟ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଟୀକାକରଣ ବ୍ୟବସ୍ଥା

ପୁରୀ:୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବଳଗଣ୍ଡି ହାଇସ୍କୁଲ ପରିସରରେ ସ୍ୱତନ୍ତ୍ର ଟୀକାକରଣ ବ୍ୟବସ୍ଥା କରାଯାଇଛି । ସ୍ୱତନ୍ତ୍ର ଗାଡିରେ ସେମାନଙ୍କୁ ଘରୁ ଅଣାଯାଇ ଟୀକାକରଣ ପରେ ପୁଣି ଘରେ ଛାଡିବା ବ୍ୟବସ୍ଥା କରାଯାଇଛି । ଆଜି ୭୨ ଜଣଙ୍କ ଟୀକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜରୁରୀକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଏଡିଏମଓ ଡା. ବିରଜା ଶଙ୍କର ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ତ୍ରିପାଠୀ, ଆଶା ସଂଯୋଜକ ଅଶୋକ କୁମାର ସାହୁ, ପ୍ରଫୁଲ୍ଲ ଯୋଜନା ପରାମର୍ଶଦାତା ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟାୟ କ୍ରମେ ପୁରୀ ପୌରାଚଂଳର ୩୨ଟି ୱାର୍ଡର ସମସ୍ତ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଟୀକାକରଣ ପାଇଁ ପ୍ରୟାସ ଜାରି ରହିଛି ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ



ଭୁବନେଶ୍ୱର : ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବଂ ଭୁବନେଶ୍ୱର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିର, ମାସ୍କ ଓ ସାନିଟାଇଜର ବଂଟନ, ରନ୍ଧାଖାଦ୍ୟ ବଂଟନ, ବିସ୍କୁଟ ଓ ଫଳ ବଂଟନ କରାଯାଇଥିଲା । ଭୁବନେଶ୍ୱରରେ ଡିଏଭି ଛକ, ଷ୍ଟୁଆର୍ଟ ସ୍କୁଲ ଛକ ଓ ମାଷ୍ଟରକ୍ୟାଂଟିନ ଛକରେ କରୋନା ମହାମାରୀ ସମୟରେ ଅତି ଦୁଃଖରେ କାଳତିପାତ କରୁଥିବା ଲୋକଙ୍କୁ ରନ୍ଧାଖାଦ୍ୟ, ମାସ୍କ ଓ ସାନିଟାଇଜର ବଂଟନ କରାଯାଇଥିଲା । ସକାଳେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା । ଏହି ଅବସରରେ ଶ୍ରୀ ନୱାଜ କହିଥିଲେ ଯେ ଭାରତବର୍ଷକୁ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅଗ୍ରଣୀ କରିଥିବା ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଗାନ୍ଧୀଙ୍କ ନିକଟରେ ଦେଶବାସୀ ଚିର କୃତଜ୍ଞ । ଭୋଟ ଦାନର ବୟସ ସୀମା ୧୮ବର୍ଷକୁ ହ୍ରାସ, କମ୍ପ୍ୟୁଟର ପ୍ରଚଳନ, ଟେଲିଫୋନର ବିକାଶ, ପଂଚାୟତରାଜର ସଶକ୍ତିକରଣ ପ୍ରଭୃତି କ୍ଷେତ୍ରରେ ରାଜୀବ ଗାନ୍ଧୀଙ୍କ ଅବଦାନ ଅବିସ୍ମରଣୀୟ । ଏହି କାର୍ଯ୍ୟକ୍ରମରେ ସାଗର ପଟ୍ଟନାୟକ, ପ୍ରିତମ ପରିଡ଼ା, ଏହମ୍ମଦ ଖାନ, ବିଶ୍ୱଭୂଷଣ ମହାପାତ୍ର, ରିତ ସେନାପତି, ସାହାରୁଖ ଖାନ, ସୂର୍ଯ୍ୟ ରାଉତ, ସୁରଜ ରାଉତ, ଅଜିତ ବାରିକ, ଯାହିଦ ଖାନ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସାମ୍ପ୍ରତିକ ସ୍ଥିତିରେ ଅସହାୟଙ୍କ ସେବା ରାଜୀବଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି : କଂଗ୍ରେସ



ରାଉରକେଲା : ଜିଲ୍ଲା କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୦ତମ ତିରୋଧାନ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସକାଳ ୯ଟା ବେଳେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଟ୍ରାଫିକ୍ ଗେଟ୍ ଠାରେ ସମବେତ ହୋଇ ରାଜୀବଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଟ୍ରାଫିକ୍ ଗେଟ୍ ଅଞ୍ଚଳରେ ଅସହାୟ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ମାସ୍କ ଓ ସାନିଟାଇଜର ଇତ୍ୟାଦି ବଣ୍ଟନ କରାଯାଇ ନିଜ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ କୋଭିଡ୍ ନିୟମ ମାନି ଚଳିବା ପାଇଁ ସଚେତନ କରାଯାଇଥିଲା । ପରେ ଦିନ ୧୦ଟା ବେଳେ କଂଗ୍ରେସ କର୍ମକର୍ତ୍ତାମାନେ ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ସ୍ମୃତି ସଭାରେ ଶ୍ରୀ ତିର୍କୀ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ସତ୍ୟ, ସହାନୁଭୂତି ଓ ସମୃଦ୍ଧି ଉପରେ ସର୍ବଦା ଗୁରୁତ୍ୱାରୋପ କରୁଥିବା ସ୍ୱର୍ଗତ ରାଜୀବଜୀ ନିଜ ଜୀବନକୁ ଦେଶ ହିତ ପାଇଁ ଉତ୍ସର୍ଗ କରିଦେଇଥିବାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆମେ ସମସ୍ତେ ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ ଅଭାବଗ୍ରସ୍ତ ଲୋକ ତଥା କରୋନା ଆକ୍ରା'ଙ୍କୁ କିଛି ସାହାଯ୍ୟ ସହଯୋଗ କରିପାରିଲେ ରାଜୀବଜୀଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରଚନ୍ଦନ ଓ ପ୍ରଭାତୀ ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ଜାଫର ନୁମାନ, ସରୋଜ ଜେନା, ସୁନୀଲ ପଟ୍ଟନାୟକ, ଧୁସା ନାୟକ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଯୁବନେତା ସିଦ୍ଧେଶ୍ୱର ମଲ୍ଲିକ, ବିଶ୍ୱଜିତ ସାହୁ, ଅନୀଲ ଗୁରୁଙ୍ଗ, ସୁଧୀର ଚୌହାନ, ସୁମୀତ ଜିନ୍ଦଲ, ରତିକା' ମଲ୍ଲିକ, ବିଦ୍ୟାସାଗର ସିଂହ, ଅନୁପ ସାହୁ, ପ୍ରତୀକ ବର୍ମାଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray